ଆଜି - ଶନିବାର
ତାରିଖ - ୨୧ ମାର୍ଚ୍ଚ ୨୦୨୬
ମାସ - ମୀନ, ଦିନ - ୦୭
ତିଥି - ତୃତୀୟା, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଅଶ୍ୱିନୀ, ମେଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୪୬: ୦୦
ସୂର୍ଯ୍ୟାସ୍ତ - ୫ : ୪୪ : ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition **AJIKALI** ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


E-mail: ajikalibls@gmail.com

E-News : www.theajikali.com


> "ମାନବିକତା ଉପରୁ ବିଶ୍ୱାସ ହରାଇବା ଉଚିତ ନୁହେଁ । ମାନବିକତା ହେଉଛି ଏକ ମହାସାଗର । ମହାସାଗରର କେତେ ବିନ୍ଦୁ ଜଳ ଯଦି ମଇଳା ହୁଏ, ତା'ହେଲେ ସମ୍ପୂର୍ଣ୍ଣ ମହାସାଗର ମଇଳା ହୋଇ ଯାଏନି ।"
> - ମହାତ୍ମା ଗାନ୍ଧି


Vol.- 40 ISSUE- 336 R.N.I. REGD. No. 44026/86 ବାଲେଶ୍ୱର ୨୧ ମାର୍ଚ୍ଚ ୨୦୨୬ ଶନିବାର BALASORE 21 MARCH 2026 SATURDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦









ଫକୀରମୋହନ ଗୋଲେଇସ୍ଥିତ ସାଇଦୁର୍ଗା ମନ୍ଦିରରେ ନବରାତ୍ର ଦ୍ୱିତୀୟ ଦିବସରେ ମା'ଙ୍କ 'ବ୍ରହ୍ମଚାରିଣୀ' ବେଶ ।।

## ବୃନ୍ଦାବନରେ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ ପରିଦର୍ଶନ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ: ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଦିନ ତାଙ୍କ ଉତର ପ୍ରଦେଶ ଗସ୍ତର ଦ୍ୱିତୀୟ ଦିନରେ ପ୍ରସିଦ୍ଧ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଥିଲେ । ଏହାସହ ପ୍ରେମାନନ୍ଦଜୀଙ୍କ ସହ ଆଧ୍ୟାତ୍ମିକ ଆଲୋଚନା କରିଥିଲେ । ଅଧିକାରୀମାନେ କହିଛନ୍ତି ଯେ ରାଷ୍ଟ୍ରପତି ଆଜି ବୃନ୍ଦାବନରେ ବାବା ନିମ କାରୋଲିଙ୍କ ସମାଧି ମଧ୍ୟ ଦର୍ଶନ କରିବେ ଏବଂ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବେ । ସେ ବୃନ୍ଦାବନରେ ଓଡ଼ିଆ ବାବା ଆଶ୍ରମ ଏବଂ ଦେବନାଲ କୁଣ୍ଡ ମଧ୍ୟ ପରିଦର୍ଶନ କରିବେ । ରାଷ୍ଟ୍ରପତି ୧୯ ମାର୍ଚ୍ଚଠାରୁ ତିନି ଦିନିଆ ଉତର ପ୍ରଦେଶ ଗସ୍ତରେ ଅଛନ୍ତି । ଗୁରୁବାର ଦିନ ଅଯୋଧ୍ୟା ଗସ୍ତ କରିବା ପରେ, ସେ ମଥୁରା ପହଂଚିଥିଲେ, ଯେଉଁଠାରେ ସେ ମନ୍ଦିରରେ ପ୍ରାର୍ଥନା କରିଥିଲେ



ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ରାଷ୍ଟ୍ରପତି ଆଜି ସକାଳେ ଅନେକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସହିତ ଦିନ ଆରମ୍ଭ କରିଥିଲେ । ରାଷ୍ଟ୍ରପତି ମଥୁରାର ବୃନ୍ଦାବନରେ ଥିବା ସନ୍ଥ ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ ପରିଦର୍ଶନ କରିଥିଲେ ।

## ନବରାତ୍ରି ଅବସରରେ ସଂସ୍କୃତ ସୁଭାଷିତମ୍ ସେୟାର କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦିନ ସଂସ୍କୃତ ଏକ ସୁଭାଷିତମ୍ ସେୟାର କରିଛନ୍ତି, ଯେଉଁଥିରେ ଦେବୀ ବ୍ରହ୍ମଚାରିଣୀଙ୍କ ଦିବ୍ୟ ଏବଂ ମଙ୍ଗଳମୟ କୃପା ଉପରେ ଆଲୋକପାତ କରାଯାଇଛି । ଆଜି ନବରାତ୍ରିର ଗଭୀର ଆଧ୍ୟାତ୍ମିକ ପରିବେଶ ଉପରେ ନିଜର ଚିନ୍ତାଧାରା ବ୍ୟକ୍ତ କରି ପ୍ରଧାନମନ୍ତ୍ରୀ ମୋଦି ଏକ୍ସ ରେ ଲେଖିଛନ୍ତି ଯେ, 'ଏହି ସଂସ୍କୃତ ସୁଭାଷିତମ୍ ପାଠରେ ଦେବୀ ବ୍ରହ୍ମଚାରିଣୀଙ୍କ ଦିବ୍ୟ ଏବଂ ମଙ୍ଗଳମୟ କୃପା ବର୍ଣ୍ଣନା କରାଯାଇଛି । ମାତା ଅମ୍ବାଙ୍କ ଭକ୍ତିରେ



ବୁଡ଼ି ରହିଥିବା ନବରାତ୍ରିର ପରିବେଶ ମନକୁ ଅପାର ଶାନ୍ତି ଏବଂ ଶକ୍ତିରେ ପରିପୂର୍ଣ୍ଣ କରିଥାଏ ।' ମାତା ଦେବୀଙ୍କ ପ୍ରତି ସମର୍ପିତ ଭକ୍ତି ଏବଂ ବିଶ୍ୱାସର ପ୍ରତିଧ୍ୱନି ହୃଦୟକୁ ପୂର୍ଣ୍ଣ କରିଥାଏ ।' ସେ ମାତା ଅମ୍ବାଙ୍କ ପ୍ରତି ସମର୍ପିତ ଏକ ଭକ୍ତିପୂର୍ଣ୍ଣ ଗୀତ ମଧ୍ୟ ଗାଇଥିଲେ । ସେ ଲେଖିଛନ୍ତି, 'ମାତା ବ୍ରହ୍ମଚାରିଣୀଙ୍କ ପାଦରେ ଲକ୍ଷ ଲକ୍ଷ ପ୍ରଣାମ । ମାତା ଦେବୀ ସମସ୍ତ ଭକ୍ତଙ୍କ ଉପରେ ତାଙ୍କର ଆଶୀର୍ବାଦ ବୃଷ୍ଟି କରନ୍ତୁ ।' ସେ 'ଦଧାନ କରପଦ୍ମାଭ୍ୟ ମକ୍ଷମାଲକମଣ୍ଡଲୁ । 'ଦେବୀ ପ୍ରସୀଦତୁ ମୟି ବ୍ରହ୍ମଚାରିଣ୍ୟନୁତମା ।' ଶୀର୍ଷକ ଏକ ଶ୍ଳୋକ ବାଂଟିଛନ୍ତି ।, ଯାହାର ଅର୍ଥ ହେଉଛି, 'ପରମେଶ୍ୱର ଦେବୀ ବ୍ରହ୍ମଚାରିଣୀ, ଯିଏ ତାଙ୍କ କମଳ ଭଳି ହାତରେ ମାଳା ଏବଂ ପାଣିର ପାତ୍ର ଧରିଛନ୍ତି, ମୋତେ ଆଶୀର୍ବାଦ କରନ୍ତୁ ।'

## ରାଜ୍ୟସ୍ତରୀୟ 'ପଖାଳ ଦିବସ' କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

### ପଖାଳ କେବଳ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ

ଭୁବନେଶ୍ୱର : ଆଜି ହେଉଛି ବିଶ୍ୱ ପଖାଳ ଦିବସ । ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ଆହୁରି ବଢାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥନିବାସ ଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର



ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ । ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଂଚାଇବା । ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ ।

## ରେଳ ଅଧିକାରୀମାନଙ୍କ ବୈଠକରେ ଅଧକ୍ଷତା କଲେ ରେଳମନ୍ତ୍ରୀ


ନୂଆଦିଲ୍ଲୀ : କେନ୍ଦ୍ର ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରେଳ ଭବନରେ ବରିଷ୍ଠ ରେଳ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକରେ ଅଧକ୍ଷତା କରିଛନ୍ତି, ଯାହା ଷ୍ଟେସନରେ ପ୍ରବେଶ, ଯାତ୍ରୀ ସୁବିଧା ଉନ୍ନତିକରଣ ଏବଂ ଯାତ୍ରୀଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ସହିତ ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ସୁଦୃଢ଼ୀକରଣର ଅଗ୍ରଗତି ଆକଳନ କରିବ । ଏହି ବୈଠକରେ ପ୍ରବେଶ ନିୟନ୍ତ୍ରଣ, ଭିଡ଼ ପରିଚାଳନା, ପ୍ରଯୁକ୍ତିବିଦ୍ୟା ପରିଚାଳିତ ତଦାରଖ ଏବଂ ଷ୍ଟେସନ ପରିସର ମଧ୍ୟରେ ସହଜ ଯାତାୟତ



ଭଳି ପଦକ୍ଷେପ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ସଂସ୍କାରଗୁଡ଼ିକ ପ୍ରଥମେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ଲାଗୁ କରାଯିବ ଏବଂ ଏହା ଦ୍ୱାରା ମିଳିଥିବା ଅନୁଭୂତି ଆଧାରରେ ପରବର୍ତ୍ତୀ ସମୟରେ ଅନ୍ୟ ଷ୍ଟେସନଗୁଡ଼ିକରେ ମଧ୍ୟ କାର୍ଯ୍ୟକାରୀ ହେବ । ପ୍ଲାଟଫର୍ମ, କନକୋର୍ସ, ପ୍ରବେଶ-ପ୍ରସ୍ଥାନ ପଏଂଟ ଏବଂ ଅନଧିକୃତ ପ୍ରବେଶ ଆଶଙ୍କା ଥିବା ଅଂଚଳ ସମେତ ଷ୍ଟେସନ ପରିସରର ସମସ୍ତ କୋଣ ଅନୁକୋଣକୁ ଆଚ୍ଛାଦନ କରି କ୍ୟାମେରା ମାଧ୍ୟମରେ ନୂଆଦିଲ୍ଲୀ ରେଳ ଷ୍ଟେସନରେ ବ୍ୟାପକ ଏଆଇ-ଚାଳିତ ତଦାରଖ ନିୟୋଜିତ କରାଯିବ ।











# ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଲା ପଖାଳ ଦିବସ



ବାଲେଶ୍ୱର,(ନି.ପ୍ର.): ଆଜି ପଦ୍ମାବତୀ ଏମ୍ୟୁଜମେଂଟ ପାର୍କ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ପଖାଳ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଶ୍ୱଜିତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଖାଳ ଦିବସକୁ ପାଳନ କରାଯାଇଥିଲା । ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ପଖାଳ ଖାଇଥିଲେ । ଏହି ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତଙ୍କ ସମେତ ଅନେକ ଜିଲ୍ଲା ପ୍ରଶାସନିକ ଅଧିକାରୀ ମାନେ ଯୋଗ ଦେଇ ପଖାଳ ଖାଇବାର ମଜା ନେଇଥିଲେ । ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ପାନ୍ଥନିବାସ ଠାରେ ଆଭାସି ଜରିଆରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ହୋଇଥିବା ପଖାଳ ଦିବସରେ ଅଂଶଗ୍ରହଣ କରିଥିବା ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସମେତ ଦେଶ ତଥା ବିଦେଶରେ ଥିବା ଅନେକ ଓଡ଼ିଆ ଲୋକମାନଙ୍କ ସହିତ ଯୋଡି ହୋଇ ଭାବ ବିନିମୟ କରିଥିଲେ । ସେ ସମସ୍ତ ଓଡ଼ିଶାବାସୀ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡିଆ ଭାଇଭଉଣୀ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ।

# ସିପିଆଇଏମ ତରଫରୁ ଆଲୋଚନାଚକ୍ର ଅନୁଷ୍ଠିତ

ବାଲେଶ୍ୱର (ନି.ପ୍ର.)ଆଜି ଫାଣ୍ଡି ଛକ ନିକଟରେ ଥିବା ଶ୍ରମିକ ଭବନରେ ସିପିଆଇଏମ ତର'ରୁ ସମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲ ର ଯୁଦ୍ଧ ବିଭୀଷିକା ଏବଂ ଏହାର ଅର୍ଥନୈତିକ ଉପରେ ପ୍ରଭାବ ବିଷୟ ଉପରେ ଏକ ଆଲୋଚନା ଚକ୍ର ସିପିଆଇଏମ ବାଲେଶ୍ୱର ଜିଲ୍ଲାର ସମ୍ପାଦକ ଶିଶିର ହୁଇଙ୍କ ନେତୃତ୍ୱରେ ସଂଗଠିତ ହୋଇ ଯାଇଛି । ଏହି ଆଲୋଚନାର ମୁଖ୍ୟ ବକ୍ତା ବରିଷ୍ଠ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ଯୋଗ ଦେଇ କହିଥିଲେଜେ ସମ୍ରାଜ୍ୟବାଦ ଆମେରିକା ଏହି ଯୁଦ୍ଧ ନିଜ ଦେଶର ଅର୍ଥନୀତିକୁ ଚାଂଗା କରିବା ପାଇଁ କ୍ଷ ଯେକୌଣସି ଉପାୟରେ ବିଶ୍ୱର ସମସ୍ତ ଦେଶ ଉପରେ ପ୍ରଭୂତ୍ୱ ବିସ୍ତାର କରିବା କ୍ଷ ବିଶ୍ୱର ଏବେ ୧୩୭ ଟି ଦେଶରେ ଏବଂ ସମସ୍ତ ମହାସାଗରରେ ଯୁଦ୍ଧ ଘାଟି ଆମେରିକା ରଖିଛି । ଏବେ ଇସ୍ରାଏଲ ଆମେରିକାର ସାଥିରେ ରହି ଏହି ଯୁଦ୍ଧର ବିଭୀଷିକା ସୃଷ୍ଟି କରୁଛି କ୍ଷ ଭେନିଯୁଆଲର ରାଷ୍ଟ୍ରପତି ଓ ତାଙ୍କ ସ୍ତ୍ରୀଙ୍କୁ ସେହି ଦେଶରୁ ଗିର' କରିନେବା ଏବଂ ଆମେରିକା ଜେଲରେ ରଖିଲେ । ବିଶ୍ୱ ତମାମରେ ଏହାର ବିରୋଧ ହବାରୁ ପ୍ରଚାର କରାଗଲା ଏହି ଦେଶରେ ମାଦକଦ୍ରବ୍ୟ ଖୁଲା ଖୋଲି ବିକ୍ରୀ ହେଉଛି କ୍ଷ ମାତ୍ର, ଲକ୍ଷ୍ୟ ରହିଲା ଭେନିଯୁଆଲାର ତୈଳ ଓ ଗ୍ୟାସ ଖଣି ଦଖଲ କରିବା କ୍ଷ ଏହାପରେ ଇରାନରେ ପରମାଣୁ ଅସ୍ତ୍ର ରହିଛି କହି ଯୁଦ୍ଧ ଚଳାଇଛନ୍ତି କ୍ଷ ଆମ ଦେଶର ବିଜେପି ସରକାର ଏବଂ ପ୍ରଧାନମନ୍ତ୍ରୀ ମୋଦି ଏହି ଯୁଦ୍ଧକୁ ଦୃଢଭାବେ ବିରୋଧ କଲେ ନାହିଁକି ଇରାନର ରାଷ୍ଟ୍ରପତି ଖୋମିନିଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବାକୁ ଟାଳ ଟୁଳ ନୀତି ନେଲେ କ୍ଷ ସରକାରଙ୍କ ବକ୍ତବ୍ୟ ରୁ ଆମେରିକା ପାଖରେ ଆତ୍ମସମର୍ପଣ କରିବା ପରିଷ୍କାର ହୋଇଛି ବୋଲି ଶ୍ରୀ ପତି ପ୍ରକାଶ କରିଥିଲେ କ୍ଷ ଦେଶରେ ଗ୍ୟାସର ଅଭାବ ସାଙ୍ଗକୁ ଅନେକ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ବୃଦ୍ଧି ପାଇବାରେ ଲାଗିଛି କ୍ଷ ବିଜେପି ସରକାର ଏହି ଦରବୃଦ୍ଧିକୁ ରୋକିବାରେ ବି'ଳ ହୋଇଛନ୍ତି କ୍ଷ ଆଜି ସମସ୍ତ ଯୁଦ୍ଧ ବିରୋଧି ଶକ୍ତି ଏକାଠି ହୋଇ ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ, ଆମେରିକା ସାମ୍ରାଜ୍ୟବାଦ ବିରୋଧରେ ଏକାଠି ହୋଇ ଲଢେଇ କରିବାକୁ ହେବ ବୋଲି ଶ୍ରୀ ପତି ଆହ୍ୱାନ ଦେଇଥିଲେ କ୍ଷ ଅନ୍ୟତମ ବକ୍ତା ବବେ ସିପିଆଇଏମ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ବକ୍ତବ୍ୟ ରଖି ବିଜେପି ସରକାରଙ୍କ ଦୋମୁହାଁ ନୀତିର ସମାଲୋଚନା କରିଥିଲେ କ୍ଷ ଆମେରିକା ସହିତ ଏବେ ଯେଉଁ ବାଣିଜ୍ୟ



ଚୁକ୍ତି ହେଉଛି ଦେଶର ସଂହତି ପ୍ରତି ବିପଦ ସୃଷ୍ଟି କରିଛି କ୍ଷ ଦେଶର ଚାଷୀଙ୍କୁ ଅର୍ଥନୈତିକ ସଙ୍କଟ ମୁଁକୁ ଟାଣି ନେଇଛନ୍ତି କ୍ଷ ଏହା ବିରୁଦ୍ଧରେ ସମସ୍ତ ଦେଶପ୍ରେମୀ, ଧର୍ମନିରପେକ୍ଷ ଶକ୍ତି ଏକାଠି ହେବାକୁ ଆହ୍ୱାନ ଦେଇଥିଲେ କ୍ଷ ଅନ୍ୟମାନଙ୍କ ମୁଁରେ ସି ପି ଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ମୁଁ ବକ୍ତବ୍ୟ ରଖିଥିଲେ କ୍ଷ ଏହି ଆଲୋଚନାରେ ଯାଜପୁର, ଭଦ୍ରକ, ମୟୁରଭଞ୍ଜ ଏବଂ ବାଲେଶ୍ୱର ର ଶତାଧିକ ପ୍ରତିନିଧି ଉପସ୍ଥିତି ଥିଲେ କ୍ଷ ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତି ଧନ୍ୟବାଦ ଦେବା ସହିତ ଦିବ୍ୟସିଂ ନାୟକ, ନିର୍ମଳ ରଥ, ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ରାଜ୍ୟ କମିଟି ସଭ୍ୟ ତାପସୀ ପ୍ରହରାଜ, ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ନରେନ୍ଦ୍ର ବାରିକଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



ବାଲେଶ୍ୱର (ନି.ପ୍ର.) ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ସ୍ୱର୍ଗତ ନରେନ୍ଦ୍ର ବାରିକଙ୍କ ଶ୍ରାଦ୍ଧବାର୍ଷିକୀ ବାଲେଶ୍ୱର ସାମ୍ବାଦିକ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ସେହିଭଳି ଆମ୍ଭମାନଙ୍କର ପ୍ରିୟ ସାମ୍ବାଦିକ ମିହିର ମହାପାତ୍ରଙ୍କ ଅକାଳ ବିୟୋଗରେ ଶୋକସଭା ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ସଭାପତିତ୍ୱ କରିଥିଲେ ସ୍ମୃତି କମିଟିର ସଭାପତି ଦେବବ୍ରତ ପାଣିଗ୍ରାହୀ । ମୁଖ୍ୟ ଅତିଥି ଭାବରେ ଧ୍ୱନି ପ୍ରତିଧ୍ୱନିର ସମ୍ପାଦକ ସୃଷ୍ଟିଧର ପରିଡ଼ା ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଉଜ୍ଜ୍ୱଳ କର ମହୋଦୟ ସୁରେନ୍ଦ୍ର ଜେନା ସଂଘମିତ୍ରା ମହାନ୍ତି ପ୍ରମୁଖ ଯୋଗଦେଇ ନରେନ୍ଦ୍ର ବାରିକ ଓ ମିହିର ମହାପାତ୍ରଙ୍କ ଜିବନରେ ଅନେକ କଥା ବଖାଣିଥିଲେ । ସ୍ୱର୍ଗତ ନରେନ୍ଦ୍ର ବାରିକ ଜଣେ ସୁଦକ୍ଷ ରାଜନିତିର ଚାଣକ୍ୟ ଥିଲେ ସତ୍ୟ ସହିତ ବାଲେଶ୍ୱର ଜିଲ୍ଲାର ଜଣେ ଆଗଧାଡ଼ିର ସାଲିସ ବିହୀନ ସାମ୍ବାଦିକ ଥିଲେ ବୋଲି ମୁଖ୍ୟ ଅତିଥି କହିଥିଲେ । ସେହିଭଳି ମିହିର ମହାପାତ୍ର ଦୁଇଥର ୱାର୍ଡ କାଉନସିଲର କଂଗ୍ରେସ ଦଳର ଜଣେ ଦକ୍ଷ ନେତା ବହୁ ସାମାଜିକ ସଂଗଠନର ଉଦ୍ୟୋକ୍ତା ଥିଲେ ବୋଲି ବକ୍ତାମାନେ କହିଥିଲେ ।ଏହି ଦୁଇ ଦିବଙ୍ଗତ ସାମ୍ବାଦିକଙ୍କ ଶ୍ରଦ୍ଧାଞ୍ଜଳି ଜଣାଇ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ସ୍ମୃତି କମିଟିର ସମ୍ପାଦକ ଗଗନ କୁମାର ସେଠୀ ଉପସଭାପତି ସନ୍ଦିପ୍ତ ଦାସ ସମ୍ବିତ ବେହେରା କମଳା କାନ୍ତ ନାୟକ ତପନ ଦାସ ପଦ୍ମଲୋଚନ ଦତ ଶିବଶଙ୍କର ଭୋଇ ପୂର୍ଣ୍ଣ ବାବୁ ମହେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ପ୍ରତ୍ୟେକ ଥର ଭଳି ଆଜି ମଧ୍ୟ ଦୁଇ ଜଣ ପ୍ରବିଣ ସାମ୍ବାଦିକ ତପନ କୁମାର ଦାସ ଓ ମହେଶ୍ୱର ପ୍ରଧାନଙ୍କୁ ସ୍ମୃତି କମିଟି ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସମ୍ବିତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାହାନଗା ଟ୍ରିପଲ ଟ୍ରେନ୍ ଦୁର୍ଘଟଣା କ୍ଷତିଗ୍ରସ୍ତ ପରିବାରଙ୍କ ପାଇଁ ଅନୁଷ୍ଠିତ ହେଲା ବୈଠକ



ବାଲେଶ୍ୱର(ନି.ପ୍ର.): ୨୦୨୩ ମସିହା, ଜୁନ ୨ ତାରିଖରେ ବାହାନଗା ଠାରେ ଟ୍ରିପଲ ଟ୍ରେନ୍ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ନେଇ ସ୍ଥାନୀୟ ଏଡ୍ଲାଇଫ୍ ଫିଜିଅଥେରାପି ସେଂଟରରେ ଏକ ସମ୍ମିଳନୀ ସଭା ଆୟୋଜିତ ହୋଇଯାଇଛି । ବିଗତ ଏକ ସପ୍ତାହ ଧରି ଯୁବ ବିକାଶ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱରେ ସୁଦୂର ମୁମ୍ବାଇସ୍ଥିତ ଟାଟା ସାମାଜିକ ବିଜ୍ଞାନ ସଂସ୍ଥାନର ପ୍ରଫେସର ଜାକଲିନ୍ ଯୋସେଫ୍ ଓ ଅନ୍ୟ ଅଧିକାରୀ ମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଟ୍ରେନ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଅନେକ ପରିବାରଙ୍କୁ ଭେଟିଥିଲେ । ଟ୍ରେନ ଦୁର୍ଘଟଣାକୁ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଦୁର୍ଘଟଣା ଜନିତ ଶାରୀରିକ, ମାନସିକ, ଆର୍ଥିକ ସମସ୍ୟା ଭିତରେ ଏବେବି ରହିଛନ୍ତି ସୋର ରେଳ ଦୁର୍ଘଟଣାକୁ ସାମ୍ନା କରିଥିବା କ୍ଷତିଗ୍ରସ୍ତ ପରିବାରର ଲୋକମାନେ । ଯେମିତି ଚାନ୍ଦିପୁରର ସୋଫିକ୍ ଶାହା ସଠିକ ସମୟରେ ଉପଯୁକ୍ତ ଚିକିତ୍ସା ନ ପାଇବାରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନାହାନ୍ତି । ସେମିତି ଅଯୋଧ୍ୟା ଗ୍ରାମର କୁନା ମୁଖୀ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ମଧ୍ୟ ତାଙ୍କ ପରିବାରର ଜଣେ ବ୍ୟକ୍ତି ଗୋଟେ ଚାକିରି ପାଇବାର ହକଦାର ଥିଲେ ମଧ୍ୟ ଅସହାୟ ତାଙ୍କ ପତ୍ନୀ ଦମୟନ୍ତୀ ମୁଖୀ ଛୋଟ ପୁଅକୁ ଧରି ଜୀବନଜୀବିକା ପାଇଁ ବାର ଦୁଆର ଶୁଣ୍ଢି ପିଣ୍ଡା ହେଉଛନ୍ତି । ଅନୁରୂପ ଭାବେ କୁହ୍ଲା ଗ୍ରାମର ପ୍ରୀତିରଞ୍ଜନ ପ୍ରମାଣିକ ଏବେବି ଆବଶ୍ୟକୀୟ ସରକାରୀ ସହଯୋଗ କେବଳ ଆର୍ଥିକ କ୍ଷତିପୂରଣ ଛାଡ଼ି ଦେଲେ ଅନ୍ୟ ସରକାରୀ ସୁବିଧାରୁ ବଂଚିତ ଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରାୟ ସମସ୍ତ କ୍ଷତିଗ୍ରସ୍ତ ପରିବାରମାନେ ଟ୍ରେନ ଦୁର୍ଘଟଣା ପରେ ସରକାରୀ ଓ ବେସରକାରୀ ସ୍ତରରେ ଘୋଷଣା କରାଯାଇଥିବା ସାହାଯ୍ୟ ସହଯୋଗ ପ୍ରତିଶୃତିକୁ ନେଇ ଝୁରୁଛନ୍ତି । ନିଜର ଦୁଃଖ କଥା ବଖାଣିବା ବେଳେ ଯନ୍ତ୍ରଣା ଜର୍ଜରିତ ହୋଇ ବଂଚିରହିବା ଠୁ ବରଂ ମରି ଯାଇଥିଲେ ଭଲ ହୋଇଥାନ୍ତା, ଘର ପରିବାର ଯେଉଁ ଆର୍ଥିକ ସହାୟତା ପାଇଥାନ୍ତେ ସେଇଟା ଶ୍ରେୟସ୍କର ବୋଲି କହିବା ବେଳେ ସୋଫିକ୍ ଶାହା ଭାଙ୍ଗି ପଡୁଥିଲେ । ତିନି ତିନିଟା ଝିଅ ଏବଂ ପରିବାର ସହ ସରକାରୀ ଜାଗାରେ ରହୁଥିବା ଛୋଟ ପାଲ ଛପର ଘରରୁ ଉଚ୍ଛେଦ ହେବାର ଭୟ ତାଙ୍କୁ ଆହୁରି ବିଚଳିତ କରିଛି । ଏହି କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ କ୍ଷତିଗ୍ରସ୍ତ ପରିବାରକୁ ନେଇ ତାଙ୍କର ବହୁବିଧ ସମସ୍ୟାର ସମାଧାନ ପାଇଁ ଏକ ସଂଗଠନର ଆବଶ୍ୟକତା ଅଛି ବୋଲି କହିଥିଲେ । ଏଡ୍ଲାଇଫ୍ ଫିଜିଅଥେରାପି ସେଂଟରର ମୁଖ୍ୟ ଜ୍ୟୋତିର୍ମୟ ଚୌଧୁରୀ କହିଥିଲେ ଯେ ଅତି କମ୍ ଖର୍ଚ୍ଚରେ ସେ ଚିକିତ୍ସା କରିପାରିବେ । ପ୍ରଫେସର ଜାକଲିନ୍ ଯୋସେଫ୍ କହିଥିଲେ ଯେ ଏଭଳି ବିପର୍ଯ୍ୟୟ କ୍ଷତିଗ୍ରସ୍ତ ପରିବାରକୁ ମାନସିକ ଯନ୍ତ୍ରଣାରୁ ଉପଶମ ପାଇଁ ଏକ ଲମ୍ବା ସମୟ ଲାଗିଥାଏ । ସେଥିପାଇଁ ସରକାରୀ ବେସରକାରୀ ସ୍ତରରେ ଏକ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଛି ।

# ବୈଦ୍ୟୁତିକ ସୁରକ୍ଷା ଉତ୍କର୍ଷତା ପାଇଁ ଓଏଚଏସଏସଏଆଇ ସୁରକ୍ଷା ପୁରସ୍କାରରେ TPNODL ସମ୍ମାନିତ

ବାଲେଶ୍ୱର(ନି.ପ୍ର.) ବିଦ୍ୟୁତ ସୁରକ୍ଷା ହେଉଛି ଟିପିଏନଓଡ଼ିଏଲର ମୂଳମନ୍ତ୍ର । ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା କ୍ଷେତ୍ରରେ ଟିପିଏନଓଡ଼ିଏଲ ଅଗ୍ରାଧିକାର ପୂର୍ବକ ବହୁବିଧ କାର୍ଯ୍ୟକ୍ରମ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଗୋଆରେ ଅନୁଷ୍ଠିତ ୧୦ମ ବାର୍ଷିକ ଓଏଚଏସଏସଏଆଇ ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ (ଏଚଏସଇ) ଉତ୍କର୍ଷତା ଏବଂ ଇଏସଜି ଗ୍ଲୋବାଲ୍ ପୁରସ୍କାର ୨୦୨୬ରେ ଟିପିଏନଓଡ଼ିଏଲ ୬-ତାରକା ମୂଲ୍ୟାଙ୍କନ ସହିତ 'ଓଏଚଏସଏସଏଆଇ ସୁରକ୍ଷା ପୁରସ୍କାର (ସ୍ୱର୍ଣ୍ଣ ବର୍ଗ)'ରେ ସମ୍ମାନିତ ହୋଇଛି ।କମ୍ପାନୀର ମଜବୁତ ସୁରକ୍ଷା ନୀତି ତଥା ପାରିବେଶିକ, ସାମାଜିକ ଏବଂ ସୁଶାସନ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟିପିଏନଓଡ଼ିଏଲକୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହା ସହିତ, ଟିପିଏନଓଡ଼ିଏଲର ସୁରକ୍ଷା ବିଭାଗ ମୁଖ୍ୟ ଶ୍ରୀ ତପନ କୁମାର ପାତ୍ରଙ୍କୁ ସଂସ୍ଥାରେ 'ସୁରକ୍ଷା ସର୍ବୋପରି' କାର୍ଯ୍ୟସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ବୈଦ୍ୟୁତିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ 'ଇଏଚଏସ ମେଂଟର ଆୱାର୍ଡ'ରେ ମଧ୍ୟ ପୁରସ୍କୃତ କରାଯାଇଛି ।ଏହି ଅବସରରେ ଟିପିଏନଓଡ଼ିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଗଜାନନ କାଲେ କମ୍ପାନୀର ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ପ୍ରଦାନ କରିବା ସହ ସୁରକ୍ଷା ନେଇ ସମସ୍ତ ପ୍ରଚେଷ୍ଟାକୁ ଆହୁରି ବଳବତର କରିବାପାଇଁ ଉତ୍ସାହିତ କରିଛନ୍ତି ଓ ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ସଂସ୍ଥା ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଉଥିବାବେଳେ କାର୍ଯ୍ୟକ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ତଥା ସୁରକ୍ଷା ପ୍ରଣାଳୀର କଡାକଡି କାର୍ଯ୍ୟାନ୍ୱୟନ, ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଛନ୍ତି । ବୈଦ୍ୟୁତିକ ସୁରକ୍ଷା ନେଇ ସଚେତନତା ବ୍ୟାପକ କରିବା ଓ ଧନଜୀବନ ହାନିକୁ ରୋକିବା ଦିଗରେ ଟିପିଏନଓଡ଼ିଏଲର ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଜାରି ରହିଛି । ସେହିପରି ଗ୍ରୀଷ୍ମ ଋତୁରେ ଏସି, ଫ୍ରୀଜ, କୁଲର ଆଦି ଉଚ୍ଚ କ୍ଷମତା ଯୁକ୍ତ ବିଦ୍ୟୁତ୍ ଉପକରଣର ବ୍ୟବହାର ପୂର୍ବରୁ




ଏହାକୁ ଅଧିକୃତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ଯାଂଚ କରାଇବାକୁ ଟିପିଏନଓଡ଼ିଏଲ ଉପଭୋକ୍ତାଙ୍କୁ ପରାମର୍ଶ ଦେବା ସହିତ ଘରେ ଏମସିବି ଏବଂ ଇଏଲସିବି ଲଗାଇବା ପାଇଁ ମଧ୍ୟ କହିଛି । ବିଜୁଳିର ଅଯଥା ଅପଚୟକୁ ରୋକିବା ସହ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ମରାମତି ନ କରି ଟିପିଏନଓଡ଼ିଏଲ କାର୍ଯ୍ୟାଳୟ ଓ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା ପାଇଁ ସମସ୍ତ ଉପଭୋକ୍ତାଙ୍କୁ ସଂସ୍ଥା ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ ସଚେତନତା କର୍ମଶାଳା ଅନୁଷ୍ଠିତ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଚାନ୍ଦିପୁର ସ୍ଥିତ ଇଂଟର ନେସନାଲ ଟୁରିଜିମ ରିସର୍ଟସ ସଭା ଗୃହରେ ଚାନ୍ଦିପୁର ବନ୍ୟାଂଚଳ ଉପଖଣ୍ଡ ପକ୍ଷରୁ ଜିଲ୍ଲା ବନ ଖଣ୍ଡ ଅଧିକରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସାମୁଦ୍ରିକ ଜୀବ ସୁରକ୍ଷା ଉପରେ ଏକ ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ସାମୁଦ୍ରିକ ସମ୍ପଦ ଓ ବିରଳ ସାମୁଦ୍ରିକ ପ୍ରାଣୀଙ୍କ ସୁରକ୍ଷା ପାଇଁ ଆଗେଇ ଆସିଛି ବନ୍ୟପ୍ରାଣୀ ବିଭାଗ ।ଏକ ସ୍ୱତନ୍ତ୍ର କ୍ଷମତା ବୃଦ୍ଧି କର୍ମଶାଳା ଓ ସଚେତନତା ସଭା ସହ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଓଡ଼ିଶାର ସମୁଦ୍ର ତଟରେ ଦେଖାଯାଉଥିବା ବିରଳ ହିଂସ୍ର କ୍ରାବ୍ ବା ଚୁଆଲ ପ୍ରଜାତିର କଙ୍କଡ଼ା, ଡଲଫିନ୍ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଜୀବଙ୍କ ସଂରକ୍ଷଣ ପାଇଁ ବାଲେଶ୍ୱର ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଏହି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବିଶେଷଜ୍ଞ ଯୋଗ ଦେଇଥିଲେ ।କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀଙ୍କ ସମେତ ବିଭିନ୍ନ ବୈଷୟିକ ଅଧିବେଶନରେ ସିଟାସିଆନ୍ ଏକ୍ସପର୍ଟ ଡକ୍ଟର ଶିବ ପ୍ରସାଦ ପରିଡ଼ା, ଡକ୍ଟର ସିଦ୍ଧାର୍ଥ ପତି ଏବଂ ଏଫଏମ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ନୀଳାଦ୍ରି ଭୂଷଣ




କର ପ୍ରମୁଖ ସାମୁଦ୍ରିକ ପ୍ରାଣୀଙ୍କ ଜୀବନଶୈଳୀ ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶା ଉପକୂଳରେ ସାମୁଦ୍ରିକ ଅଭିଯାନ ୨୦୨୬ର ଏକ ରୂପରେଖ ମଧ୍ୟ ଏଠାରେ ପ୍ରଦାନ କରାଯାଇଛି । କର୍ମଶାଳା ଶେଷରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସାମୁଦ୍ରିକ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ଶପଥ ପାଠ କରାଯାଇଥିଲା । ଆଗାମୀ ଦିନରେ ଏହି ଅଭିଯାନ ସମୁଦ୍ର ଉପକୂଳବର୍ତ୍ତୀ ଅଂଚଳରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ବେଶ୍ ସହାୟକ ହେବ ବୋଲି ଏଭଳି ପଦକ୍ଷେପ ନିଆଯାଇଥିବା ପ୍ରକାଶ କରଯାଇଛି ।

# ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ

ବାଲେଶ୍ୱର(ନି.ପ୍ର.) ବିଶ୍ୱ ସାମାଜିକ ନ୍ୟାୟ ଦିବସ ପରିପ୍ରେକ୍ଷୀରେ ଜିଲ୍ଲା ସ୍ତରୀୟ ବରିଷ୍ଠ ନାଗରିକଙ୍କ ପାଇଁ ବିଭିନ୍ନ ସଚେତନତ ମୂଳକ ଓ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ବାଲେଶ୍ୱର ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଉଦ୍ଘାଟିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ ଉଦ୍ଘାଟନ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ସାମାଜିକ ନ୍ୟାୟ ପାଇଁ ବରିଷ୍ଠ ନାଗରିକ ମାନଙ୍କ ଯୋଗଦାନ ଓ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ପ୍ରଦାନ କରିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନିରଞ୍ଜନ ବେହେରା ସାଇବର ଠକେଇର ବିଭିନ୍ନ ଦିଗ ଉପରେ ବରିଷ୍ଠ ନାଗରିକ ମାନଙ୍କୁ ସଚେତନତା କରାଇଥିଲେ । ଲିଡ ବ୍ୟାଙ୍କ ମ୍ୟାନେଜର ବରିଷ୍ଠ ନାଗରିକଙ୍କ ସଂଚୟ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଏହା ବ୍ୟତୀତ ବରିଷ୍ଠ ନାଗରିକଙ୍କ ଯୋଗ ଶିବିର ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଉପଦେଷ୍ଟା ଗିରିଶ ଦାସ, ସମ୍ପାଦକ ଦାମୋଦର ନାୟକ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ । ବରିଷ୍ଠ ନାଗରିକ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ୍ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟ କ୍ରମକୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡିଶା ସରକାରଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା ।



# ଭାରତୀୟ ଜାତୀୟ ଟ୍ରେଡ ୟୁନିଅନ କଂଗ୍ରେସର ନୂତନ କାର୍ଯ୍ୟକର୍ତ୍ତା ଘୋଷଣା

ବାଲେଶ୍ୱର (ନି.ପ୍ର.) ଭାରତୀୟ ଜାତୀୟ ଟ୍ରେଡ ୟୁନିଅନ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ଶ୍ରୀଯୁକ୍ତ ରାମଚନ୍ଦ୍ର ଖୁଂଟିଆଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଜିଲ୍ଲା ଆଇଏନଟିୟୁସି ର ନୂତନ କାର୍ଯ୍ୟକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଛି । ଭାରତୀୟ ଜାତୀୟ ଟ୍ରେଡ ୟୁନିଅନ କଂଗ୍ରେସ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ବାସନ୍ତୀ ସାମଲ, ସାଧାରଣ ସମ୍ପାଦକ ଜୀବନ କ୍ରିଷ୍ଣ ବାରିକ, ଉପସଭାପତି କୁମୁଦିନୀ ଦାସ, ଅଜିତ୍ କୁମାର ଦାସମହାପାତ୍ର, ସୁରେଶ କୁମାର ଜେନା, ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଭାବେ ରାଜୀବ ମହାପାତ୍ର, ଆରତୀ ଜେନା, ଆରତୀ ମୁଣ୍ଡା, ନାରାୟଣ ପଣ୍ଡା, ତ୍ରିଲୋଚନ ମହାନ୍ତି, କୋଷାଧ୍ୟକ୍ଷ ରାଜେଶ କୁମାର ଜେନା,ଜଏଂଟ ସେକ୍ରେଟାରୀ ଭାବେ ମିହିର କୁମାର ଭୂୟାଁ, ଉପଦେଷ୍ଟା ଭାବେ କହ୍ନେଇ ଚରଣ ବେହେରା, ରବିନ୍ଦ୍ର ଦାସଙ୍କ ସମେତ ୯ ଜଣଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବରେ ନିଯୁକ୍ତି ଦିଆଯାଇଛି । ଏହି ନୂତନ ଟିମ୍ ବାଲେଶ୍ୱର ଜିଲ୍ଲାର ସଂଗଠନକୁ ମଜବୁତ କରିବା ସହ ପର୍ଯ୍ୟାୟ କ୍ରମେ ବ୍ଲକ ସ୍ତରୀୟ କାର୍ଯ୍ୟକର୍ତ୍ତା ମାନଙ୍କ ନାମ ଘୋଷଣା କରାଯିବ ବୋଲି ଶ୍ରୀଯୁକ୍ତ ଖୁଂଟିଆ କହିଛନ୍ତି ।

# ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ମହକିଲା ପଥ ଉତ୍ସବ

ବାଲେଶ୍ୱର(ନି.ପ୍ର.) ୧୯ ମାର୍ଚ୍ଚ ୨୦୨୬ ଗୁରୁବାର ଚୈତ୍ର ଶୁକ୍ଳ ପ୍ରତିପଦା ଦିନ ହିନ୍ଦୁ ନବବର୍ଷ କମିଟି ବାଲେଶ୍ୱର ତରଫରୁ ଏକ ପଥ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ରାଣୀ ପାଟଣା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟ ର ଛାତ୍ରଛାତ୍ରୀ (ସରସ୍ୱତୀ ମୁର୍ମୁ, ମେଘନା ସିଂ, ମାହେଶ୍ୱରୀ ପ୍ରଧାନ,ସୁମିତ୍ରା ସିଂ,ବଂଶୀଧର ଦାସ ଆୟୁଷ ବେହେରା, ବବି ଜେନା, ଗୋପୀ ସୋରେନ କୁନା ପ୍ରଧାନ ଓ ପହଲା ମୁର୍ମୁ )ମାନଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତା , ରାମଚରିତ ମାନସ ଓ ଶ୍ଳୋକ ଆବୃତି ସେଠାକାର ପରିବେଶ କୁ ଭକ୍ତିମୟ କରିଥିଲା । ଏହି କାର୍ଯ୍ୟକ୍ରମ ଫାଣ୍ଡି ଛକ ଠାରୁ ଷ୍ଟେସନ ଛକ ପର୍ଯ୍ୟନ୍ତ ହୋଇଥିଲା । ପ୍ରଭାତ ର ଭବ୍ୟ ଦୃଶ୍ୟ ବାସ୍ତବ ରେ ହୃଦୟସ୍ପର୍ଶୀ ଥିଲା । ପ୍ରଥମେ ଆଳତି , ପୁଷ୍ପାଞ୍ଜଳି ଓ ପରେ ପରେ ନଗର ପରିକ୍ରମା ବେଶ୍ ମନୋହର କରିଥିଲା । ଦୃଷ୍ଟିହୀନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ର ସଙ୍ଗୀତ ପରିବେଷଣ ସମସ୍ତଙ୍କୁ ମନୋରଞ୍ଜିତ କରିଥିଲା । ଶେଷରେ ସନ୍ଧ୍ୟା ସମୟରେ ଆୟୋଜିତ କାର୍ଯ୍ୟକ୍ରମରେ ଦି ୱେଲଫେୟାର ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିବାକର ସ ଙ୍କୁ ମାନପତ୍ର ଉତରୀୟ ଓ ନରିକେଳ ଦେଇ ସମ୍ମାନିତ କରାଯାଇଥିଲା ସମାଜସେବା ଓ ଅନେକ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଙ୍କୁ ଗଠନ କରିବାରେ କର୍ଣ୍ଣଧାର ସାଜିଥିବା ହେତୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଅଛି । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଶିକ୍ଷକ ଜଗତଜିତ କୁମାର ପତି , ଗୀତାଞ୍ଜଳି ପ୍ରଧାନ , ସଞ୍ଜିବ କୁମାର ବେହେରା ଓ ଗୌରାଙ୍ଗ ପାତ୍ର ଉପସ୍ଥିତ ଥିଲେ ।



# ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ଶୀର୍ଷକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ



କଟକ(ନିପ୍ର): ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର କରି ଜିଲ୍ଲାର ଜନସାଧାରଣଙ୍କୁ କିପରି ଉନ୍ନତ ମାନର ସେବା ଯୋଗାଇ ଦିଆଯିବ ସେ ନେଇ ଏକ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଭାଗୃହ ପରିସରରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଶ୍ରୀ ଶିନ୍ଦେ କହିଥିଲେ ଯେ " ଆଜିର ଆଧୁନିକ ଯୁଗରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ବଢ଼ି ବଢ଼ି ଚାଲିଛି । ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବହୁ ଆବଶ୍ୟକତା ରହିଛି । ପ୍ରତ୍ୟେକ ବିଭାଗ ଏହି ଏଆଇ କୁ ନିଜ କାର୍ଯ୍ୟଧାରାରେ ପ୍ରୟୋଗ କରି କାର୍ଯ୍ୟ ସମ୍ପାଦନ କରିବା ସହ କାର୍ଯ୍ୟକ୍ଷମତା ମଧ୍ୟ ବୃଦ୍ଧି କରିପାରିବେ ମାତ୍ର ଏହାକୁ ପ୍ରୟୋଗ କରିବା ବେଳେ ସତର୍କତା ଅବଲମ୍ବନ କରିବା ଜରୁରୀ । ଓକାକ୍ ସୌଜନ୍ୟରୁ ଓକେସିଏଲ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆକାଶ ବେହେରା ଓ ଦେବାଶିଷ ରେଡ୍ଡୀ ତାଲିମ ଦାତା ଭାବେ ଯୋଗଦେଇ ପ୍ରଶାସନିକ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ସରଳ ବ୍ୟବହାର ପାଇଁ ବିଭିନ୍ନ ଉପକରଣ (ଟୁଲ୍) ଗୁଡିକ ସମ୍ପର୍କରେ ବିଶଦ ଭାବରେ ଉପସ୍ଥାପନ କରିଥିଲେ । ପ୍ରଶାସନକୁ ଅଧିକ କାର୍ଯ୍ୟକ୍ଷମ, ପାରଦର୍ଶୀ ଓ ଲୋକାଭିମୁଖୀ କରିବାରେ ଏଆଇ ଏକ ମୁଖ୍ୟ ମାଧ୍ୟମ ହୋଇପାରିବ ,ଜିଲ୍ଲାର ପ୍ରଶାସନିକ ଅଧିକାରୀମାନେ ପ୍ରଶାସନିକ କ୍ଷେତ୍ରରେ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତାର କିପରି ବିଭିନ୍ନ ଭୂମିକାରେ ବ୍ୟବହାର କରିବାକୁ ଉଦ୍ୟମୀ ହେବେ ସେଥିପାଇଁ ଏହି କର୍ମଶାଳାର ଆୟୋଜନ ହୋଇଥିଲା । ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ) ଡ. ଦିବ୍ୟଲୋଚନ ମହାନ୍ତ, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) କମଳଜିତ୍ ଦାସ , ଅତିରିକ୍ତ ଜିଲ୍ଲାପାଳ (ଉନ୍ନୟନ) ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, କଟକସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ବାଙ୍କୀ ଉପଜିଲ୍ଲାପାଳ ପ୍ରଣବ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ଇ-ଗଭର୍ନର୍ନାନ୍ସ ମ୍ୟାନେଜର କିଶୋର କୁମାର ଆଚାରୀ ଜିଲ୍ଲା କାର୍ଯ୍ୟାଳୟ ତରଫରୁ ଏହି କର୍ମଶାଳାରେ ବୈଷୟିକ ସହାୟତା କରିଥିଲେ ।

# ବିଶ୍ୱ ପଖାଳ ଦିବସ ପାଳିତ



ପୁରୀ(ନିପ୍ର): ପର୍ଯ୍ୟଟନ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନ ସହଯୋଗ ରେ ପାନ୍ଥନିବାସରେ ଆଜି ପୁରୀ ଜିଲ୍ଲା ସ୍ତରୀୟ ବିଶ୍ୱ ପଖାଳ ଦିବସ ପାଳିତ ହୋଇଥିଲା । ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ ମନ୍ତ୍ରୀ ମଣ୍ଡଳ ର ଅନ୍ୟାନ୍ୟ ସଦସ୍ୟ, ବିଧାୟକ ପ୍ରମୁଖ ପଖାଳ ଦିବସ ର ତାତ୍ପର୍ଯ୍ୟ ଓ ଓଡ଼ିଆ ଅସ୍ମିତା ସହ ପଖାଳ ର ସମ୍ପର୍କ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଦେଶର ଏକାଧିକ ରାଷ୍ଟ୍ର ସହ ଦେଶର ବିଭିନ୍ନ ସ୍ଥାନରେ ପାଳିତ ହେଉଥିବା ଏହି ଦିବସ ସହ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ସଂଯୁକ୍ତ ହୋଇ ଶୁଭେଚ୍ଛା ଜଣାଇଥିଲେ । ପୁରୀ ପାନ୍ଥନିବାସରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଭାସୀ ମାଧ୍ୟମରେ ମଧ୍ୟ ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ଥିଲେ । ପଖାଳ ଆମ ପରମ୍ପରା ଓ ସଂସ୍କୃତି ସହ ଜଡିତ । ଏହା ସମସ୍ତ ବର୍ଗଙ୍କ ପାଇଁ ଏକ ସୁଖାଦ୍ୟ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିବା ସହ ପଖାଳ ମଧ୍ୟ ଖାଇଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ର ଉନ୍ନୟନ ପ୍ରଶାସକ ଦେବେନ୍ଦ୍ର ନାଥ ସାହୁ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ର ଉପ ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ବେହେରା, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ । ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଏହି ଅବସରରେ ପାନ୍ଥନିବାସର ପର୍ଯ୍ୟଟକ ମାନେ ମଧ୍ୟ ପଖାଳ ଖାଇ ଖୁସି ବ୍ୟକ୍ତ କରିଥିଲେ ।ପୁରୀ ର ବିଭିନ୍ନ ସ୍ଥାନରେ ମଧ୍ୟ ବିବିଧ ଅନୁଷ୍ଠାନ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଥିଲା ।

# ଖଡ଼ଗପୁର ରେଳ ଡିଭିଜନର ଉଚ୍ଚ ପଦାଧିକାରୀଙ୍କ ସହ ନାଗରିକ ମଂଚର ଆଲୋଚନା

ସୋର(ନିପ୍ର): ସୋର ନାଗରିକ ମଂଚର ପ୍ରତିନିଧି ମଣ୍ଡଳୀ ଓ ଦକ୍ଷିଣ-ପୂର୍ବ ରେଳ ବିଭାଗ ଖଡ଼ଗପୁର ଡିଭିଜନର ଉଚ୍ଚ ପଦାଧିକାରୀମାନଙ୍କ ସହିତ ଡି ଆର ଏମଙ୍କ ଅଫିସରେ ଆଜି ଏକ ଆଲୋଚନା ହୋଇଯାଇଛି । ନାଗରିକ ମଂଚ ଗତ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦାବିନେଇ ସୋର ରେଳ ଷ୍ଟେସନରେ ଗଣ ଧାରଣା ଫଳରେ ମାର୍ଚ୍ଚ ୨୦ ରେ ଏକ ଦ୍ୱିପାକ୍ଷିକ ଆଲୋଚନା ପାଇଁ ସ୍ଥିର ହୋଇଥିଲା । ଏହି ଆଲୋଚନାରେ ସୋର ରେଳ ଷ୍ଟେସନ ଦେଇ ଦୈନିକ ଯାତାୟତ କରୁଥିବା ଯାତ୍ରୀମାନଙ୍କ ସୁବିଧା ପାଇଁ ଷ୍ଟେସନ ପରିସର ସଫା ରଖିବା, ମୋଟର ସାଇକେଲ ପାର୍କିଙ୍ଗକୁ ଶୃଙ୍ଖଳିତ କରିବା, କୋଚ ଇଣ୍ଡିକେଟର ଲଗାଇବା, କୋଚ ପୋଜିସନ ଜାଣିବା ପାଇଁ ବାରମ୍ବାର ଘୋଷଣା କରିବା, ପିଇବା ପାଣି ଏବଂ ପରିସ୍ରାଗାର ସହ ବିଶ୍ରାମଗର ପ୍ରଭୃତି ଦାବି ଗୁଡ଼ିକ ଉପରେ, ସକାରାତ୍ମକ ଆଲୋଚନା ହେବା ସହ ଦୂରଗାମୀ ଟ୍ରେନ ଯଥା ନନ୍ଦନ କାନନ, ସାଲିମର ଚେନାଇ, ଖଡ଼ଗପୁର ଭେଲୋପୁରମ ଟ୍ରେନକୁ ସୋରରେ ଷ୍ଟପେଜ ଏବଂ ବାର୍ଗିରପୋଷି ଟ୍ରେନରରେ ସଂରକ୍ଷିତ ବଗି ବୃଦ୍ଧି କରିବା, ଖଡ଼ଗପୁର ବାଲେଶ୍ୱର ମେମୋକୁ ଟ୍ରେନକୁ ସୋର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ଗୁଡ଼ିକ ଯାଥାର୍ଥ ଏବଂ ରେଲୱେ ବୋଡ଼କୁ ସୁପାରିଶ କରିବାକୁ ପ୍ରତିଶ୍ରୁତି ମିଳିଛି । ସେହିପରି ଏପ୍ରିଲ ମାସରେ ଦ୍ୱିତୀୟ ରେଳ ଉଭର ବ୍ରିଜର ଦ୍ୱିତୀୟ ଗାଡାର କାର୍ଯ୍ୟ ସମାପ୍ତ ହେବା ସହ ଅମୃତ ଭାରତ ଯୋଜନାରେ ନୂତନ ଗୃହ କାର୍ଯ୍ୟ ଖୁବ ଶୀଘ୍ର ଆରମ୍ଭ ହେବ । ଯାହାଫଳରେ ସୋର ଷ୍ଟେସନର ସମସ୍ତ ସମସ୍ୟା ଦୂରହୋଇ ପାରିବ । ଏହି ଆଲୋଚନାରେ ଡିଭିଜନାଲ ରେଲୱେ ମ୍ୟାନେଜର ଲଳିତ ମୋହନ ପାଣ୍ଡେ, ବରିଷ୍ଠ ଡିଭିଜନାଲ ବାଣିଜ୍ୟ ମ୍ୟାନେଜର ଶ୍ରୀନିଶାନ୍ତ କୁମାର ଏବଂ ଡିଭିଜନାଲ ଇଞ୍ଜିନିଅର ବିଶ୍ୱଜିତ ଘୋଷ ଉପସ୍ଥିତ ଥିବାବେଳେ ନାଗରିକ ମଂଚର ତରଫରୁ ସଭାପତି ନେତ୍ରାନନ୍ଦ ରାଉତ,ଉପ ସଭାପତି ମାୟାଧର ନାୟକ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ସହ ସମ୍ପାଦକ ପ୍ରଦୀପକୁମାର ଦାଶ ଏବଂ ମନୋଜ କୁମାର ରାୟ ଉପସ୍ଥିତ ଥିଲେ ।

## ବ୍ୟାଙ୍କରୁ ଋଣ ନେଇ ନ ଶୁଝିବାରୁ ଘର ଓ ଜମିକୁ ସିଲ

ସୋର(ନିପ୍ର): ସୋର ଥାନା ଗୁଡ଼ ଗ୍ରାମରେ ଜମି ବନ୍ଧକ ରଖି ବ୍ୟାଙ୍କରୁ ଋଣ ନେଇ ନ ଶୁଝିବାରୁ ଘର ସମେତ ଜମିକୁ ସିଲ କଲା ପ୍ରଶାସନ । ସୂଚନା ଅନୁସାରେ ଏହି ଗ୍ରାମର ଅନ୍ନପୂର୍ଣ୍ଣା ଦାସ, କାମଳେନ୍ଦୁ ଦାଶଶର୍ମା, ଶଶି ଭୂଷଣ ଦାଶଶର୍ମା, ଶଶୀକଳା ପଣ୍ଡା ୩୨ ଡ଼ିସିମିଲ ଜମିକୁ ବାସୁଦେବପୁର କାନାରା ବ୍ୟାଙ୍କରେ ବନ୍ଧକ ରଖି ଲୋନ ନେଇଥିଲେ । ପରେ ଲୋନ ଟଙ୍କା ନ ଶୁଝିବାରୁ ସୁଧ ମୂଳ ସହ ଏହା ୪୦ ଲକ୍ଷରୁ ଉର୍ଦ୍ଧ ଟଙ୍କା ହୋଇ ଯାଇଥିଲା । କିନ୍ତୁ ଉପରୋକ୍ତ ଲୋନ ଧାରୀ ମାନେ ଏହି ଟଙ୍କାକୁ ନ ଶୁଝିବାରୁ ବ୍ୟାଙ୍କ କର୍ତୃପକ୍ଷ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ବ୍ୟାଙ୍କ କର୍ତୃପକ୍ଷ ସୋର ଅତିରିକ୍ତ ତହସିଲଦାର, ସୋର ପୁଲିସଙ୍କ ଉପସ୍ଥିତିରେ ଗ୍ରାମରେ ପହଂଚି ଉକ୍ତ ଜମିରେ ଗଢି ଉଠିଥିବା ଏକ ପକା ଘର ସମେତ ୩୨ ଡ଼ିସିମିଲ ଜାଗାକୁ ସିଲ କରିଥିବା ଜଣାପଡିଛି ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ




ଖୁଂଟା(ନିପ୍ର): ସ୍ଥାନୀୟ ଖୁଂଟା ଡିଗ୍ରୀ ମହାବିଦ୍ୟାଳରେ ୟୁଥ ରେଡ୍ କ୍ରସ, ଜାତୀୟ ସେବା ଯୋଜନା ଏବଂ ରେଡ୍ ରିବନ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରକୁ ମହାବିଦ୍ୟାଳୟର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଫିତା କାଟି ଶୁଭ ଉଦ୍‌ଘାଟନ କରିବା ସହିତ ସ୍ୱେଚ୍ଛାସେବି ମାନଙ୍କୁ ଅନୁପ୍ରାଣିତ କରିବା ପାଇଁ ପ୍ରଥମେ ରକ୍ତଦାନ କରିଥିଲେ । ଉକ୍ତ ଶିବିରକୁ ୟୁଥ ରେଡ୍ କ୍ରସର କାଉନ ସିଲର ଗୋପା ସିଂହ , ଜାତୀୟ ସେବା ଯୋଜନା ଅଧିକାରୀ ଶୁଭମ୍ ଶାସମଲ, ସହଯୋଗୀ ଡକ୍ଟର ସୁଷମା ହାଁସଦା ଏବଂ ରେଡ୍ ରିବନ କ୍ଲବର ସହଯୋଗୀ ମାନେ ସହଯୋଗ କରିବା ସହିତ ଉଦଳା ସବ୍‌ଡିଭିଜନ ଡାକ୍ତରଖାନାର ବ୍ଲଡ ବ୍ୟାଙ୍କର ମୁଖ୍ୟ ଡକ୍ଟର ମନିଷା ପରିଡା ଏବଂ ତାଙ୍କର ସହଯୋଗୀ ମାନେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଉକ୍ତ ଶିବିରରେ ମୋଟ ୪୪ ଜଣଙ୍କ ଠାରୁ ୪୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସ୍ଥାନୀୟ ଜନସାଧାରଣ, ପୂର୍ବତନ ଛାତ୍ରଛାତ୍ରୀ, ପୋଲିସ ବାହିନୀ ତଥା ବର୍ତମାନର ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ମାନେ ମଧ ରକ୍ତ ଦାନ କରିଥିଲେ । ଅଧାପକ ଓ ଅଧାପିକା ମାନଙ୍କ ମଧରେ ସ୍ନେହାଶିଷ ସେଠୀ, ଗୌରବ ପାଲ, ଗୋପା ସିଂହ, ବବିତା ମହାନ୍ତ, ବାଣୀବ୍ରତା ପ୍ରଧାନ ଏବଂ ଅନ୍ୟମାନଙ୍କ ମଧରେ ଡେମୋନ ଷ୍ଟ୍ରେଟର ଶଙ୍କର୍ଷଣ ଗିରି, ଡାଟା ଅପରେଟର ହରପ୍ରସାଦ ଭୋଇ ମଧ ରକ୍ତ ଦାନ କରିଥିଲେ । ଏହି ଶିବିରକୁ ୟୁଥ ରେଡ କ୍ରସ ଏବଂ ଜାତୀୟ ସେବା ଯୋଜନାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନେ ସ୍ୱେଛାକୃତ ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ-୨୦୨୬ ପାଳିତ

ଜଗତସିଂହପୁର(ନିପ୍ର): ଜିଲ୍ଲା ପ୍ରଶାସନ ଓ ବୈଧମାପ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ୨୦୨୬ ଉପଲକ୍ଷେ ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ପରିସରରେ ପାଳିତ ହୋଇ ଯାଇ ଅଛି । ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଖାଉଟି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଜିଲ୍ଲାଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ପ୍ରଭାତ କୁମାର ପାଢ଼ୀ, ସମ୍ମାନନୀୟ ଅତିଥି ଭାବରେ ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ସିଡିପିଓ, ଜଗତସିଂହପୁର ଧନେଶ୍ୱରୀ ନାୟକ ଏବଂ ଜିଲ୍ଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ବିଷୟରେ ଆଲୋକପାତ କରିଥିଲେ । ଏହି ବୈଠକରେ ବୈଧମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଶ୍ରୀଯୁକ୍ତ ଗୌରାଙ୍ଗ ଚନ୍ଦ୍ର ଜେନା, ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ଡେମୋନଷ୍ଟ୍ରେସନ ମାଧ୍ୟମରେ ଖାଉଟି କିପରି ଠକାମିରୁ ବଂଚିତ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ । ପରିଶେଷରେ ବିବେକାନନ୍ଦ ରାଉତ, ନିରୀକ୍ଷକ ଜଗତସିଂହପୁର ଧନ୍ୟବାଦ ଅର୍ପଣ କରିଥିଲେ ।

# ତାପସ କୁମାର ମହାନ୍ତି ବିଜେପି ଜିଲ୍ଲା ସାଙ୍ଗଠନିକ କୃଷକ ମୋର୍ଚ୍ଚା ସଭାପତି ଭାବେ ମନୋନୀତ

ନୀଳଗିରି(ନିପ୍ର): ଓଡ଼ିଶା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଓଡ଼ିଶାର ସମସ୍ତ ଜ଼ିଲ୍ଲାର ସଭାପତି, ରାଜ୍ୟ ପଦାଧିକାରୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି । ଏହି କ୍ରମରେ ବାଲେଶ୍ୱର ସାଙ୍ଗଠନିକ ଜ଼ିଲ୍ଲାର କୃଷକ ମୋର୍ଚ୍ଚା ଜ଼ିଲ୍ଲା ସଭାପତି ଭାବେ ନୀଳଗିରି ନିର୍ବାଚନ ମଣ୍ଡଳୀର ଉଦୀୟମାନ ଯୁବନେତା ତାପସ କୁମର ମହାନ୍ତିଙ୍କୁ ଜ଼ିଲ୍ଲା କୃଷକମୋର୍ଚ୍ଚା ସଭାପତି ଭାବେ ଘୋଷଣା କରାଯାଇଛି । ସେ ଜଣେ ସୁ ସଂଗଠକ ଭାବେ ପୂର୍ବରୁ ସେ ପାର୍ଟି ର ବହୁ ଗୁରୁତ୍ୱପୂର୍ଣ ପଦବୀ ରେ ରହି ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଆସିଛନ୍ତି । ପୂର୍ବରୁ ସେ ମଣ୍ଡଳ ସଭାପତି ତଥା ବିଜେପିରୁ ଜ଼ିଲ୍ଲା ପରିଷଦଭାବେ ୧୩ନମ୍ବର ଜୋନ ରୁ ଟିକେଟ ନେଇ ଲଢ଼ିଛନ୍ତି । ତେବେ ଏହି ଖବର ପ୍ରଚାରିତ ହେବା ପରେ ବାଲେଶ୍ୱର ତଥା ନୀଳଗିରି ଅଂଚଳର ତାପସ ମହାନ୍ତି ଙ୍କ ବହୁ ସମର୍ଥକ ଶୁଭେଚ୍ଛା ଜଣାଇବା ସହିତ ଆଗକୁ ଦଳ ପ୍ରତି ସମର୍ପିତ ମନୋଭାବ ରଖି ଆଗକୁ ବଢିବାକୁ ପ୍ରେରଣା ଦେଉଥିବା ପରିଲକ୍ଷିତ ହୋଇଛି । ତାଙ୍କ ଉପରେ ଦଳ ଭରଷା କରି ଏହି ଦାୟିତ୍ୱ ଦେଇଥିବାରୁ ତାପସ ମହାନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢୀ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ପଖାଳ ପରବ ପାଳିତ



କଟକ(ନିପ୍ର): ମାର୍ଚ୍ଚ ୨୦ 'ପଖାଳ ଦିବସ' ଅବସରରେ ପାରମ୍ପରିକ ଖାଦ୍ୟ ପଖାଳର ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ସହ ଏହି ସ୍ଥାନୀୟ ଖାଦ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପାଳନ କରାଯାଇଛି 'ପଖାଳ ପରବ'। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶ କ୍ରମେ ସମଗ୍ର ରାଜ୍ୟରେ ମାର୍ଚ୍ଚ ୨୦ ତାରିଖକୁ ପଖାଳ ଦିବସ ଭାବେ ପାଳନ କରାଯାଉଥିବା ବେଳେ କଟକ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲଠାରେ ଜିଲ୍ଲାସ୍ତରୀୟ 'ପଖାଳ ପରବ' ପାଳନ କରାଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, ଏସ ପି ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପନିର୍ଦ୍ଦେଶକ ଜିଲ୍ଲା ପର୍ଯ୍ୟଟନ ବିଭାଗ ସୁଜାତା ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲାର ବହୁ ଅଧିକାରୀ, କର୍ମଚାରୀ ଓ ଜିଲ୍ଲାର ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଯୋଗ ଦେଇ ରାଜ୍ୟସ୍ତରୀୟ ପଖାଳ ପରବର ସିଧା ପ୍ରସାରଣ ଦେଖିଥିଲେ ।

# ଆଳୁ ବୋଝେଇ ଟ୍ରକ୍ ଧକ୍କାରେ ୨ ମୃତ

ସୋର(ନିପ୍ର): ୧୬ ନମ୍ବର ଜାତୀୟ ରାଜପଥ ସୋର ଥାନା ଅନ୍ତର୍ଗତ ତଳନଗର ପୋଲ ଉପରେ ଏକ ଆଳୁ ବୋଝେଇ ଟ୍ରକ ଡିଭାଇଡ଼ରକୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ଆଜି ସକାଳ ଭୋର ସମୟରେ ପଶ୍ଚିମବଙ୍ଗରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଆଳୁ ବୋଝେଇ ଟ୍ରକ ତଳନଗର ନିକଟରେ ଅନ୍ୟଏକ ଗାଡିକୁ ଧକା ଦେବା ସହିତ ରାସ୍ତାର ଡିଭାଇଡ଼ରକୁ ଧକା ଦେଇଥିଲା । ଫଳରେ ଗାଡିର ଚାଳକ ଓ ହେଲପର ଆଳୁବସ୍ତା ସହ ପୋଲ ତଳକୁ ଖସି ଚାପିହୋଇ ରହିଥିଲେ । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଓ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଂଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୀର୍ଘ ସମୟ ପରେ ଉଭୟଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ଟ୍ରକ ଚାଳକ କାରୁ ରାୟ ଓ ହେଲପର ପ୍ରସନ୍ନଜିତ ସିଂଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଘଟଣା ସ୍ଥଳରୁ ଗାଡି ଦୁଇଟିକୁ ଜବତ କରି ଥାନାରେ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଉଭୟ ମୃତକଙ୍କ ପରିବାର ଲୋକେ ପହଂଚି ନ ଥିବାରୁ ଶବ ବ୍ୟବଚ୍ଛେଦ ନହୋଇ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଥିବା ଜଣାପଡିଛି ।

**AFFIDAVIT**



By virtue of an affidavit sworn before Executive Magistrate, Khaira, Balasore dated 19.03.2026, I, Mohan Kumar Das, S/o- Madan Mohan Das permanent resident of At- Mundasahi, Po- Poda Singidi Karanjbati, PS- Soso, Dist- Kendujhar, Pin- 758023 currently residing At/Po- Badanuagan, PS- Khaira, Dist- Balasore, Pin- 756115 declare that I have changed my name from Dhanu Munda, S/o- Kaira Munda to Mohan Kumar Das, S/o- Madan Mohan Das. Henceforth, I shall be known as Mohan Kumar Das, S/o- Madan Mohan Das for all purposes.




Sd/-
Mohan Kumar Das

**AFFIDAVIT**

By virtue of an affidavit sworn before Executive Magistrate, Baliapal, dated 14.10.2025, I, Laxmidhar Behera, S/o- Mr. Panchanan Behera, aged about 52 years resident of At- Routura, Po/Via- Pratappur, Ps- Baliapal, Dist- Balasore, Pin- 756083 declare that I have changed my name from Kadu Behera to Laxmidhar Behera. Henceforth, I shall be known as Laxmidhar Behera for all purposes.

Sd/-
Laxmidhar Behera




ଅସମ୍ଭବ ବୋଲି କିଛି ନାହିଁ ଯାହାକି ଭଗବାନଙ୍କ ନାମ ଦ୍ୱାରା ଲାଭ କରାଯାଇ ପାରିବ ନାହିଁ ।

# ଆଜିକାଲି



ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ
ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥
(ଶ୍ରୀମଦ୍ ଭଗବତ୍ ଗୀତା)
ଭାବାର୍ଥ :ରାଗ, ହିଂସା, କାମନା ଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।


## ମର୍ଯ୍ୟାଦାର ଅଧିକାର - ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ

ଦୀର୍ଘ ୧୩ବର୍ଷ ଧରି କୋମାରେ ଥିବା ହରୀଶ ରାଣା ନାମକ ଜଣେ ୩୨ବର୍ଷ ବୟସ୍କ ଯୁବକଙ୍କୁ ସୁପ୍ରିମକୋର୍ଟଙ୍କ ମର୍ଯ୍ୟାଦା ସହକାରେ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ ଅନୁମତି ପ୍ରଦାନ ନିଷ୍ପତି ଭାରତୀୟ ପରିବର୍ତ୍ତନଶୀଳ ବା ବିକାଶଶୀଳ ଆଇନ ଶାସ୍ତ୍ର ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ସଂକେତ ପ୍ରଦାନ କରେ ବୋଲି କୁହାଯାଇପାରିବ । କୃତ୍ରିମ ଜୀବନ ରକ୍ଷାକାରୀ ଯନ୍ତ୍ରାଂଶ ପ୍ରତ୍ୟାହାର ଅନୁମତି ନେଇ ସୁପ୍ରିମକୋର୍ଟଙ୍କ ରୁଲିଂ ହେଉଛି ପୂର୍ବରୁ ଅଦାଲତ ସ୍ଥିର କରିଥିବା ମାର୍ଗଦର୍ଶୀକାର ପ୍ରଥମ ବାସ୍ତବ କାର୍ଯ୍ୟକାରିତା । ଉଲ୍ଲେଖଯୋଗ୍ୟ ଯେ, ସେବିକା ଅରୁଣା ଶାନବାଗ ମାମଲାରେ ଯେ କି ଦୀର୍ଘ ୪୦ବର୍ଷ ଧରି ହସ୍ପିଟାଲରେ ଚଳିତ ଶକ୍ତିହୀନ ଭାବେ ମୁମ୍ବାଇର କେଇଏମ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ, ସୁପ୍ରିମକୋର୍ଟ ୨୦୧୮ ମସିହାରେ ମର୍ଯ୍ୟଦା ସହକାରେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ (ପାସିଭ୍ ୟୁଥାନାସିଆ) ପାଇଁ ଆଇନଗତ ମାର୍ଗଦର୍ଶିକା ଜାରି କରିଥିଲେ । ଏହି ଯେଉଁ ରୋଗୀ କେବଳ କୃତ୍ରିମ ଜୀବନ ରକ୍ଷାକାରୀ ଡାକ୍ତରୀ ଚିକିତ୍ସାରେ ବଂଚି ରହିଥାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି ଆଶା ଆଦୌ ନଥାଏ, ରୋଗୀଙ୍କ ପରିବାରବର୍ଗଙ୍କ ସମ୍ମୁଖୀନ ହେଉଥିବା ଯନ୍ତ୍ରଣାଦାୟକ ତ୍ରିଶଙ୍କୁ ଅବସ୍ଥାକୁ ହୃଦୟଙ୍ଗମ କରି ନିଷ୍କ୍ରିୟ ଉଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟ ଜାରି କରିଥିବା ମାର୍ଗଦର୍ଶିକା ଏବେ ଦୀର୍ଘ ଆଠ ବର୍ଷ ପରେ ଦେଶରେ କାର୍ଯ୍ୟକାରୀ ହେବାକୁ ଯାଉଛି । ତେବେ ଚିକିତ୍ସା ଶାସ୍ତ୍ର ଦ୍ୱାରା ରୋଗୀଙ୍କର ସ୍ୱାସ୍ଥ୍ୟରେ କୌଣସି ଉନ୍ନତି ହେବାର ସମ୍ଭାବନା ନଥିବା ନେଇ ଡାକ୍ତରୀ ବୋର୍ଡର ସୁପାରିଶ ପରେ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁ କାର୍ଯ୍ୟକାରୀ ହେବ, ଯେପରିକି ରୋଗୀ କୌଣସି କଷ୍ଟ ଅନୁଭବ କରିବେ ନାହିଁ । ଏହା ହେଉଛି ମାର୍ଗଦର୍ଶିକାର ବିଶେଷତ୍ୱ । ଏହା ନିସନ୍ଦେହ ଯେ, ଅଦାଲତଙ୍କ ଅନୁମୋଦନ ଏକ କ୍ରୁର ସତ୍ୟକୁ ସ୍ୱୀକୃତି ଦେଇଛି, ତାହା ହେଉଛି ମର୍ଯ୍ୟାଦାଜନକ ମୃତ୍ୟୁରେ ଜୀବନର ମର୍ଯ୍ୟାଦା ସଂପ୍ରସାରିତ ହେବା ଜରୁରୀ । ଅର୍ଥାତ ରୋଗୀଙ୍କ ମର୍ଯ୍ୟାଦାଜନକ ମୃତ୍ୟୁ ପାଇଁ ରୋଗୀଙ୍କ ଠାରୁ ଧୀରେ ଧୀରେ ଜୀବନ ରକ୍ଷାକାରୀ ଯନ୍ତ୍ରାଂଶ ପ୍ରତ୍ୟାହାର ହେବ, ଯେପରିକି ତାଙ୍କୁ କଷ୍ଟ ହେବନାହିଁ । ମର୍ଯ୍ୟାଦାଜନକ ମୃତ୍ୟୁ ଅଧିକାରକୁ ସମ୍ବିଧାନର ୨୧ଧାରାରେ ମୌଳିକ ଅଧିକାର ଭାବେ ସର୍ବୋଚ୍ଚ ଅଦାଲତ ସ୍ୱୀକୃତି ପ୍ରଦାନ କରିଛନ୍ତି । ଇଚ୍ଛା ମୃତ୍ୟୁକୁ ମୌଳିକ ଅଧିକାରର ମାନ୍ୟତା ଦେବା ଲାଗି ସ୍ୱେଚ୍ଛାସେବୀ ସଂଗଠନ କମନ୍ କଜ ବହୁ ପୂର୍ବରୁ ସୁପ୍ରିମକୋର୍ଟରେ ଏକ ପିଟିସନ ଦାୟର କରିଥିଲା । ଏହା ନିସନ୍ଦେହ ଯେ, ସୁପ୍ରିମକୋର୍ଟଙ୍କ ରାୟର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ସମ୍ମାନର ସହ ମୃତ୍ୟୁ । ଏଥିଲାଗି ରାଣାଙ୍କ ଶରୀରରୁ କୃତ୍ରିମ ଜୀବନରକ୍ଷାକାରୀ ଯନ୍ତ୍ରାଂଶ ପର୍ଯ୍ୟାୟକ୍ରମେ କାଢିବା ସମୟରେ ଯେପରି ତାଙ୍କୁ କଷ୍ଟ ନହୁଏ, ସେ ଆଶ୍ୱସ୍ତିକର ଅନୁଭବ ନକରନ୍ତି, ସେଥିପ୍ରତି ଯଥେଷ୍ଟ ଯତ୍ନବାନ ହେବାକୁ ସର୍ବୋଚ୍ଚ ଅଦାଲତ ଡାକ୍ତରୀ ଦଳକୁ କଡା ନିର୍ଦ୍ଦେଶ ଦେଇଛନ୍ତି ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ପ୍ରକାଶ ଯୋଗ୍ୟ ଯେ, ୨୦୧୦ ମସିହାରେ ଇଂଜିନିୟରି ଛାତ୍ର ହରିଶ ରାଣା ଚାରି ମହଲାରୁ ଖସିପଡି ଗୁରୁତର ମସ୍ତିଷ୍କ ଆଘାତର ଶିକାର ହୋଇ କୋମାକୁ ଚାଲିଯାଇଥିଲେ । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୧୩ବର୍ଷ ହେଲା ସେ ନିସ୍ତେଜ ଅବସ୍ଥାରେ ରହିଛନ୍ତି । ତାଙ୍କର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗ ଅଚଳ ହୋଇଛି । ଜୀବନ ରକ୍ଷାକାରୀ ଯନ୍ତ୍ର ସାହାର୍ଯ୍ୟରେ କେବଳ ତାଙ୍କର ନିଶ୍ୱାସ ପ୍ରଶ୍ୱାସ ଚାଲିଛି । ତାଙ୍କର ଚିକିତ୍ସା ଲାଗି ପିତାମାତା ସର୍ବସ୍ୱାନ୍ତ ହେବା ପରେ ଏବେ ଧୈର୍ଯ୍ୟହରା ହୋଇ ଇଚ୍ଛାମୃତ୍ୟୁ ପାଇଁ ପିତାମାତା ସର୍ବସ୍ୱାନ୍ତ ହେବା ପରେ ଏବେ ଧୈର୍ଯ୍ୟହରା ହୋଇ ଇଚ୍ଛାମୃତ୍ୟୁ ପାଇଁ ସୁପ୍ରିମକୋର୍ଟରେ ଆକୁଳ ଆବେଦନ କରିଥିଲେ । ଶୁଣାଣୀରେ ଦୀର୍ଘ ୩ବର୍ଷ ବିତିଯାଇଥିଲେ ମଧ ଶେଷରେ ସୁପ୍ରିମକୋର୍ଟ ଇଚ୍ଛାମୃତ୍ୟୁ ପ୍ରଦାନକୁ ଅନୁମତି ପ୍ରଦାନ କରିଛନ୍ତି । ଯାହାକି ଦେଶରେ ପ୍ରଥମ ଘଟଣା । କହିବା ଯଥାର୍ଥ ହେବ ଯେ, ଶେଷରେ ଭାରତ ଇଚ୍ଛାମୃତ୍ୟୁ (ୟୁଥାନାସିଆ)ରେ ପ୍ରବେଶ କରିଛି । ଇଚ୍ଛାମୃତ୍ୟୁ ଦୁଇ ପ୍ରକାରର ସକ୍ରିୟ ଇଚ୍ଛାମୃତ୍ୟୁ ଏବଂ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ । ଆମ ସକ୍ରୀୟ ଇଚାମୃତ୍ୟୁରେ ରୋଗୀଙ୍କୁ ମାରାତ୍ମକ ଇଂଜେକସନ କିମ୍ବା ଔଷଧ ପ୍ରଦାନ ଫଳରେ ତୁରନ୍ତ ମୃତ୍ୟୁ ଘଟେ । ପ୍ରକାଶ ଥାଉ କି ଆମଦେଶରେ ସକ୍ରୀୟ ଇଚ୍ଛାମୃତ୍ୟୁ ନିଷିଦ୍ଧ । କିନ୍ତୁ ନିଷ୍କ୍ରିୟ ଇଚ୍ଛା ମୃତ୍ୟୁରେ ରୋଗୀଙ୍କୁ ବଂଚାଇ ରଖିବା ପାଇଁ ବ୍ୟବହାର କରାଯାଇଥିବା ଜୀବନ ରକ୍ଷାକାରୀ ବ୍ୟବସ୍ଥାକୁ ଧୀରେ ଧୀରେ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା ଫଳରେ ତାର ମୃତ୍ୟୁ ଘଟିଥାଏ । ଏହା ସତ୍ୟ ଯେ, ଆମଦେଶରେ ମର୍ଯ୍ୟଦାର ସହ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ'କୁ ସର୍ବୋଚ୍ଚ ଅଦାଲତ କେବଳ ଅନୁମତି ପ୍ରଦାନ କରିଛନ୍ତି । କିନ୍ତୁ ଦେଶରେ ବିଧିବଦ୍ଧ ଭାବେ ଏ ନେଇ କୌଣସି ଆଇନ ନାହିଁ କିମ୍ବା ପାର୍ଲିଆମେଂଟ କୌଣସି ଆଇନ ପ୍ରଣୟନ କରିନାହିଁ । ବିଶ୍ୱର ବହୁ ରାଷ୍ଟ୍ର ଇଚ୍ଛା ମୃତ୍ୟୁକୁ ଆଇନ ସମ୍ମାନ କରିଛନ୍ତି । ଜଣେ ରୋଗୀର ସ୍ୱାସ୍ଥ୍ୟରେ ଉନ୍ନତି ନେଇ ଆଶାଶୂନ୍ୟ ହୋଇ ମର୍ଯ୍ୟାଦାର ସହ ଇଚ୍ଛାମୃତ୍ୟୁ ଚାହିଁଲେ କେବଳ କଠୋର ସର୍ତ୍ତ ମଧ୍ୟରେ ଇଚ୍ଛାମୃତ୍ୟୁ ଦିଆଯିବାର ବ୍ୟବସ୍ଥା ରହିଛି । ବେଲଜିୟମ, ନେଦରଲ୍ୟାଣ୍ଡ, ଲଗଜେମ୍ବର୍ଗ, ସ୍ପେନ, କଲମ୍ବିଆ, କାନାଡା ଏବଂ ଅଷ୍ଟ୍ରେଲିଆର ୬ଟି ରାଜ୍ୟରେ ଉଭୟ ସକ୍ରୀୟ ଓ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ନିମନ୍ତେ ଆଇନଗତ ବ୍ୟବସ୍ଥା ରହିଛି । ତେବେ ସୁପ୍ରିମକୋର୍ଟଙ୍କ ମାର୍ଗଦର୍ଶିକା ଗୁଡିକୁ ସ୍ୱୀକୃତି ଦେବା ଲାଗି ପାର୍ଲିଆମେଂଟ ଆଇନ ପ୍ରଣୟନ କରିବା ପାଇଁ ଏବେ ଉପଯୁକ୍ତ ସମୟ ଉପନୀତ ହୋଇଛି ଏଥିରେ ସନ୍ଦେହ ନାହିଁ ।

## ବୁଲି ଦେଖି ଯାଆନ୍ତି

◆ ବାଣୀପୁତ୍ର ନିତ୍ୟାନନ୍ଦ ପାଣିଗ୍ରାହୀ

ଓଳିଆ ଓଳିଆ ଧାନ ପେଟରା ପେଟରା ଧନ
ହୋଇଯିବ ଦିନେଶୂନ୍ୟ
ମାଆ ଲକ୍ଷ୍ମୀ ସେ ମହାଲକ୍ଷ୍ମୀ ଶ୍ରୀଲକ୍ଷ୍ମୀ
ତାଙ୍କୁ କରିବ ଯେ ଅପମାନ ।
ବୁଲୁଥାନ୍ତି ସେ ବାଟେବାଟେ
ଦାଣ୍ଡଦୁଆର ବୁଲି ଦେଖନ୍ତି
କେତେବେଳେ କା କବାଟ ଫିଟେ
ସଫା କି ଅସନା ପିଣ୍ଡା ଘରଦ୍ୱାର
ସକାଳରୁ ଅପରାହ୍ନ ।।୧ ।।
କୃପାମୟୀ ସେ ଦୟାମୟୀ
ସ୍ନେହମୟୀ କ୍ଷମାମୟୀ
ଜାତି ଅଜାତି ଭେଦନାହିଁ
ଆଗରେ ସେ ଖୁସି ହୋଇ
ଅନ୍ନଦାତ୍ରୀ ସେ ଅନ୍ନପୂର୍ଣ୍ଣା
ଦଣ୍ଡେ ଅଭାବ ପୂରଣ ।।୨ ।।
ସିନ୍ଧୁସୁତା ସେ ମମତାମୟୀ
ବିନ୍ଦୁଏରେ ସିନ୍ଧୁଭରେ



ଈଶ୍ୱରପୁର,ସୋର, ବାଲେଶ୍ୱର-୮୨୮୦୨୮୯୮୫୦

## ଏକ ଭୟାବହ ବାସ୍ତବିକତାକୁ ଲୋକଲୋଚନକୁ ଆଣିଛି କେରଳା ଷ୍ଟୋରୀ -୨

◆ ଡ. ସମନ୍ୱୟ ନନ୍ଦ

ବେଳେ ବେଳେ ଏପରି ହୁଏ ଯେ କିଛି ବାସ୍ତବିକତା ଓ ସତ ଯାହା ଆମ ଆଖ ପାଖରେ ଘଟୁଥାଏ ଓ ଆମେ ତାକୁ ଜାଣି ଥାଉ ଓ ଅନୁଭବ ମଧ କରିଥାଉ । ସେହି ବାସ୍ତବିକତା ଓ ସତ ଅତ୍ୟନ୍ତ ନିର୍ଦୟୀ ହୋଇ ଥାଏ । ତେଣୁ ଆମେ ଉକ୍ତ ବାସ୍ତବିକତା ଓ ସତ ଉପରେ ଆଲୋଚନା କରି ନ ଥାଉ । କହିବାକୁ ଗଲେ ଆମ୍ଭେ ସେହି ବିଷୟ ଉପରେ ସାର୍ବଜନୀନ ଭାବେ ଆଲୋଚନା କରିବାକୁ ଭୟ କରିଥାଉ । ଠିକ୍ ଏହି ପରି ଏକ ଘଟଣା ହେଉଛି ଲଭ ଜିହାଦର ଘଟଣା । ଯାହାକୁ ଆମେ ପ୍ରତିଦିନ ଖବର କାଗଜରେ ସୋସିଆଲ ମିଡିଆରେ ଓ ଟେଲିଭିଜନ ଚ୍ୟାନେଲରେ ଦେଖୁ । "ମଜହବ ନହିଁ ସିଖାତା ଆପସ ମେଁ ବୈର ରଖନା" କବିତାର ଲେଖକ ଏଭଳି ଲେଖି ଲେଖି ସେହି ମଜହବ ଆଧାରରେ ୧୯୪୭ ମସିହାରେ ଭାରତର ବିଭାଜନ କରାଇ ଦେଲେ ଓ ଭାରତର ପବିତ୍ର ଭୂମିକୁ ଖଣ୍ଡ ଖଣ୍ଡ କରି ପାକିସ୍ତାନ ନିର୍ମାଣ କରାଇ ଦେଲେ । ହେଲେ ଭାରତର ସ୍ୱାଧୀନତା ପରେ ସେକୁଲାରିଜମ ନାମକ ବଟିକା ଲଗାତାର ଶାସନ ପକ୍ଷରୁ ନାଗରିକ ମାନଙ୍କୁ ଖୁଆ ଯିବା କାରଣରୁ ଦେଶ ବିଭାଜନ ପରେ ମଧ ଦେଶର ଏକ ବଡ ବର୍ଗ ସେହି ସମାନ ଗୀତ "ମଜହବ ନହିଁ ସିଖାତା ଆପସ ମେଁ ବୈର ରଖନା" ଏବେ ମଧ ଗାଉଛନ୍ତି । ଏପରି ନୁହେଁ ଯେ ଏହି ତଥାକଥିତ ସେକୁଲାର ମାନେ ଭାରତୀୟ ସମାଜରେ ଘଟୁଥିବା ଏହି ଭୟାବହ ବାସ୍ତବିକତାକୁ ଦେଖୁ ନାହାନ୍ତି ବା ବୁଝୁ ନାହାନ୍ତି ତଥାପି ସେମାନେ ଏହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାନ୍ତି । ଏହି ଭଳି ଏକ ଭୟାବହ ବାସ୍ତବିକତାକୁ ସିନେମା ପରଦାରେ ଆଣିଛି କେରଳା ଷ୍ଟୋରୀ – ଗୋଜ ବିୟଂଡ । ଏହି ସିରିଜର ପୂର୍ବବର୍ତ୍ତୀ ଫିଲ୍ମରେ କିଭଳି ଭାବେ କିଛି ଯୁବତୀ ମାନଙ୍କୁ ଇସଲାମରେ କନଭର୍ଟ କରି ଆଇଏସଆଇଏସରେ ସାମିଲ କରି ସେଠାରେ ସେମାନଙ୍କୁ ସେକ୍ସ ସ୍ଲେଭ କରାଯାଉଥିବାର ଘଟଣାକୁ ଦେଖାଇଥିଲା, ଚଳିତ ଫିଲ୍ମ କେରଳା ଷ୍ଟୋରୀ -୨ରେ ଏହି ଲଭ ଜିହାଦ ଜରିଆରେ କିଭଳି ଭାବେ ଭାରତର ଡେମୋଗ୍ରାଫିକ ପାଟର୍ନକୁ ପରିବର୍ତ୍ତନ କରିବାକୁ ସୁନିୟୋଜିତ ଭାବେ ରାକେଟ ଚଳାଯାଉଥିବାର ଅତ୍ୟନ୍ତ ନିଖୁଣତାର ସହ ଦର୍ଶାଯାଇଛି । ୧୯୪୭ ମସିହାରେ ଭାରତକୁ ଦୁଇ ଖଣ୍ଡ କରି ପାକିସ୍ତାନ ନିର୍ମାଣ କରିବା ପରେ କିଭଳି ଭାବେ ୨୦୪୭ ସୁଦ୍ଧା କିଭଳି ସାରା ଭାରତକୁ ଗଜୱା ଏ ହିନ୍ଦରେ ପରିଣତ କରିବାକୁ ବ୍ୟାପକ ଓ ଭୟଙ୍କର ଷଡଯନ୍ତ୍ର କରାଯାଉଛି ତାକୁ ଦର୍ଶାଯାଇଛି । ଭାରତ ସରକାର ଓ ଭାରତର ପ୍ରଧାନମନ୍ତ୍ରୀ ଯେତେବେଳେ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଦେଶ ଭାବେ ଗଢି ତୋଳିବାକୁ ଆହ୍ୱାନ କରୁଛନ୍ତି ଓ ଦେଶ ଏହି ଲକ୍ଷ୍ୟକୁ ହାସଲ କରିବାକୁ ଚେଷ୍ଟିତ ଅଛି, ଠିକ ସେତିକି ବେଳେ ଚୁପଚାପ ଭାବେ ଭାରତକୁ ଇସଲାମୀ ଦେଶ କରିବାକୁ ଦେଶର ବିଭିନ୍ନ ଅଂଚଳରେ ଛୋଟ ଛୋଟ ପ୍ରୟାସ କରାଯାଉଛି । ଏହି ଫିଲ୍ମ ପାଇଁ ଖୁବ ରିସର୍ଚ୍ଚ କରାଯାଇଛି । ଗତ ଦୁଇ – ତିନି ବର୍ଷ ଧରି ଉତର ପ୍ରଦେଶ, ମଧ ପ୍ରଦେଶ, ବିହାର, ଗୁଜରାତ ପରି ରାଜ୍ୟରେ ଲଭ ଜିହାଦକୁ ସୁନିୟୋଜିତ ଭାବେ କରାଇବା ପାଇଁ ତନ୍ତ୍ର କାମ କରୁଥିବା ନେଇ ପୋଲିସ ଅନୁସନ୍ଧାନ ପରେ ସ୍ପଷ୍ଟ ହୋଇ ସାରିଛି । ହିନ୍ଦୁ ଝିଅ ମାନଙ୍କୁ ପ୍ରେମ ଜାଲରେ ଫସାଇବା ପାଇଁ ଆର୍ଥିକ ପ୍ରୋତ୍ସାହନ ମଧ ଦିଆଯାଉ ଥିବା ପୋଲିସ ଅନୁସନ୍ଧାନରୁ ଜଣା ପଡିଛି । ଆମେ ଆମ ଆଖ ପାଖରେମଧ ଏପରି ଘଟଣା ଘଟୁଥିବା ଦେଖି ପାରିବା । ଓଡିଶାରେ ମଧ କେନ୍ଦ୍ରାପଡା ଜିଲ୍ଲାରେ ଜଣେ ମୁସଲମାନ ମହିଳା ତାର ସ୍ୱାମୀକୁ ହିନ୍ଦୁ ଝିଅକୁ ପ୍ରେମ ଜାଲରେ ଫସାଇ ନିକାହ କଲେ ଆର୍ଥିକ ପ୍ରୋତ୍ସାହନ ମିଳୁଛି ବୋଲି ଖୋଲାଖୋଲି ଭାବେ ଅଭିଯୋଗ କରିଥିଲେ । ପୋଲିସ ଏହି ଅଭିଯୋଗକୁ କେତେ ଗୁରୁତ୍ୱର ସହ ନେଲା ତାହା ଜଣା ନାହିଁ । ହେଲେ ଉତର ପ୍ରଦେଶ ପରି ରାଜ୍ୟରେ ଏହି କାର୍ଯ୍ୟ କରୁଥିବା ମୁସଲମାନ ଯୁବକ ମାନଙ୍କୁ ରାକେଟ ଚଳାଉଥିବା ରାକେଟର ସର୍ଦାର ମାନେ ଲକ୍ଷ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦେଉଥିବାର ପ୍ରମାଣ ମିଳି ସାରିଛି । ଯେପରିକି ଉପରେ ଉଲ୍ଲେଖ କରାଯାଇଛି ଯେ ଏହି ଫିଲ୍ମରେ ଘଟଣାବଳୀକୁ ତିନୋଟି ଭିନ୍ନ ଭିନ୍ନ ରାଜ୍ୟର ଭିନ୍ନ ଶହରର କାହାଣୀକୁ ସାମିଲ କରାଯାଇଛି । କେରଳର କୋଚି, ରାଜସ୍ଥାନର ଯୋଧପୁର ଓ ମଧ ପ୍ରଦେଶର ଗ୍ୱାଲିୟରର ତିନୋଟି ଘଟଣାକୁ ଏଥିରେ ଚିତ୍ରିତ କରାଯାଇଛି । କେରଳା ଷ୍ଟୋରୀ -୨ ରେ ଆଉ ଏକ କଥା ସ୍ପଷ୍ଟ ଭାବେ ଦର୍ଶା ଯାଇଛି ଯେ ଯେଉଁ ମୁସଲମାନ ଯୁବକ ମାନେ ଲଭ ଜିହାଦ କାର୍ଯ୍ୟ କରୁଥାନ୍ତି ସେମାନଙ୍କୁ ସେମାନଙ୍କ ପରିବାରର ସଦସ୍ୟ ଏପରିକି ମହିଳା ମାନଙ୍କର ମଧ ପୂର୍ଣ ସମର୍ଥନ ରହିଥାଏ । ବନ୍ଦେ ମାତରମକୁ ମଜହବ ବିରୋଧୀ ବୋଲି କହୁଥିବା ଲୋକ ମାନେ ହିନ୍ଦୁ ଝିଅ ମାନଙ୍କୁ ପ୍ରେମ ଜାଲରେ ଫସାଇବା ପାଇଁ ନିଜର ହିନ୍ଦୁ ନାମ ଦେବା ସହିତ ମନ୍ଦିର ଯାଇ ଦେବତାଙ୍କ ଆଗରେ ନତ ମସ୍ତକ ହୋଇଥାନ୍ତି । ଏପରି କରିବାର ଏକ ମାତ୍ର ଉଦ୍ଦେଶ୍ୟ ହେଲା ଯେ ହିନ୍ଦୁ ଝିଅଙ୍କୁ ମିଛ କହି ଫସାଇବା । ଥରେ ଏହି କାର୍ଯ୍ୟରେ ସଫଳ ହେବା ପରେ ସେମାନଙ୍କର ଅସଲ ରୂପ ଦେଖିବାକୁ ମିଳିଥାଏ ଓ ସେମାନଙ୍କୁ ବିଭିନ୍ନ ପ୍ରକାରର ଚାପ ପକାଇ ସେମାନଙ୍କୁ ଇସଲାମରେ କନଭର୍ଟ କରିଥାନ୍ତି । ଏଭଳି ଖବର ଗଣମାଧ୍ୟମରେ ବାରମ୍ବାର ପୃଷ୍ଠାମଣ୍ଡନ କରୁଛି । ଯାହାକୁ ଆମେ ସବୁଦିନ ପଢୁଛେ । ଏଠାରେ ପ୍ରଶ୍ନ ଉଠିପାରେ ଯେ ଯଦି କେହି କାହାକୁ ପ୍ରେମ କରୁଛି ତେବେ ତାର ନାମକୁ ବଦଳା ହିନ୍ଦୁ ନାମ ରଖିବାର ଉଦ୍ଦେଶ୍ୟ କଣ । ଏହାର କାରଣ ହେଲା ଯେ ପ୍ରେମ ତାଙ୍କର ଉଦ୍ଦେଶ୍ୟ ନୁହଁ ବରଂ ଗୋଟିଏ ହିନ୍ଦୁ କନ୍ୟାକୁ କନଭର୍ଟ କରି ଇସଲାମକୁ ଆଣିବା ସେମାନଙ୍କର ଲକ୍ଷ୍ୟ । ସେହିପରି ଅନେକ ମୁସଲମାନ ଅଛନ୍ତି ଯେଉଁ ମାନେ ନିଜକୁ ପ୍ରଗତିଶୀଳ ବୋଲି ଦାବି କରିଥାନ୍ତି । ହେଲେ ସେମାନେ କେବଳ ଏହା ଦେଖାଇବା ପାଇଁ କରିଥାନ୍ତି । ବାସ୍ତବରେ ସେମାନଙ୍କର ମଧ ଉଦ୍ଦେଶ୍ୟ ଭାରତକୁ ଗଜୱା ଏ ହିନ୍ଦରେ ପରିଣତ କରିବା । ଏହି ଫିଲ୍ମରେ ମଧ କେରଳର ଜଣେ ସେକୁଲାର ସାମ୍ବାଦିକଙ୍କୁ ଏହି ଚରିତ୍ରରେ ଦର୍ଶାଯାଇଛି । ସେହିପରି ଲଭ ଜିହାଦରେ ଜାଲରେ ଫସାଇ ହିନ୍ଦୁ ଝିଅ ମାନଙ୍କୁ ବେଶ୍ୟାବୃତିରେ ଲଗାଇ ଦେବା ଭଳି ଘଟଣାକୁ ମଧ ଏଥିରେ ଦେଖା ଯାଇଛି । ସିନେମାରେ ଦେଖା ଦେଇଥିବା ସମସ୍ତ ଚରିତ୍ର ଓ କାହାଣୀ ଆଦୌ କଳ୍ପନା ନୁହେଁ ବରଂ ଭାରତରେ ଘଟି ସାରିଥିବା ଓ ନ୍ୟାୟାଳୟରେ ଚାଲୁଥିବା ମାମଲାର ବିଚାର ଆଧାରରେ ତିଆରି ହୋଇଛି । ତେଣୁ ଯଦି କେହି ଏହାକୁ କାଳ୍ପନିକ ବୋଲି କହୁଛି ତେବେ ସେ ସତ ଉପରୁ ଆଖି ବୁଜି ଦେବାକୁ ଚାହୁଁଛି । ଜଣେ ବାମପନ୍ଥୀ ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କାଶ୍ୟପ ଏହି ଫିଲ୍ମକୁ ପ୍ରପାଗଣ୍ଡା ବୋଲି କହିଛନ୍ତି । ଏଠାରେ କାଶ୍ୟପ କୌଣସି ବ୍ୟକ୍ତି ନୁହନ୍ତୁ ବରଂ ସେକୁଲାର ମାନଙ୍କର ପ୍ରତୀକ । ସେ ଏହି ଫିଲ୍ମକୁ ନେଇ ପ୍ରତିକ୍ରିୟା ବେଳେ କହିଛନ୍ତି ଯେ ଯେଉଁଭଳି ଭାବେ ଫିଲ୍ମରେ ଏକ ହିନ୍ଦୁ ଝିଅକୁ ଜୋର ଜବରଦସ୍ତି କନଭର୍ଟ କରିବାକୁ ବିଫ ଖୁଆଉଥିବା ଦୃଶ୍ୟ ଦେଖା ଯାଇଛି ସେଭଳି କେବେ ହୋଇ ନ ଥାଏ । ଏଭଳି ତ କାହାକୁ ଖେଚୁଡି ମଧ ଖୁଆ ଯାଇ ନ ଥାଏ ବୋଲି ସେ କହିଛନ୍ତି । କାଶ୍ୟପ ବୋଧ ହୁଏ ବାହାର ଦୁନିଆରେ ଅଛନ୍ତି । ନ ହେଲେ ସେ ଏଭଳି କଥା କହି ନ ଥାନ୍ତେ । ଅନୁରାଗ କଶ୍ୟପ ବୋଧ ହୁଏ ଝାଡଖଣ୍ଡର ପ୍ରସିଦ୍ଧ ରାଷ୍ଟ୍ରୀୟ ସ୍ତରର ଶୂଟର ତାରା ଶହଦେବଙ୍କ ସହ ଘଟିଥିବା ହୃଦୟ ବିଦାରକ ଘଟଣାକୁ ଭୁଲି ଯାଇଛନ୍ତି । ୨୦୧୪ ମସିହା ସମୟର କଥା । ରଣଜିତ କୋହଲୀ ନାମକ ଜଣେ ବ୍ୟକ୍ତି ତାଙ୍କୁ ପ୍ରେମ କରି ବିବାହ କଲେ । ଧୁମଧାମରେ ବାହାଘର ହେଲା । ପରେ ଜଣା ପଡିଲା ସେ ରଣଜୀତ ନୁହେଁ ତାର ଅସଲ ନାମ ହେଲା ରକିବୁଲ ହସନ । ଏହା ପରେ ରକିବୁଲ ହସନ ଓ ତା ମା ମିଶି ତାରାଙ୍କୁ ଇସଲାମରେ କନଭର୍ଟ କରିବାକୁ ଚେଷ୍ଟା କରିବା ସହ ବିଫ ଖୁଆଇବାକୁ ଚେଷ୍ଟା କରିଥିଲେ । ତେବେ ତାରା ଏହା ବିରୁଦ୍ଧରେ ଲଢିଲେ ତଥା ୨୦୨୩ ମସିହାରେ କୋର୍ଟ ରକିବୁଲ ଓ ତାର ପରିବାର ସଦସ୍ୟଙ୍କୁ ଦଣ୍ଡିତ କରିଛନ୍ତି । ଆଖି ସାମନାରେ ପ୍ରମାଣ ଥାଇ ମଧ ଆମେ ବାସ୍ତବିକତାକୁ ମାନିବାକୁ ପ୍ରସ୍ତୁତ ନାହୁଁ । ତେଣୁ ଏହି ଫିଲ୍ମ ବାସ୍ତବରେ ଛୋଟ ଛୋଟ ଝିଅ ମାନଙ୍କୁ ଜାଗରଣ କରିବାର କାର୍ଯ୍ୟ କରିବ । ଯଦି କାହାକୁ ଏହି ଫିଲ୍ମ ପସନ୍ଦ ନୁହେଁ ତେବେ ସେମାନେ ନ ଦେଖନ୍ତୁ । ହେଲେ ଏହି ଫିଲ୍ମରେ ବାସ୍ତବିକତା ନାହିଁ ବୋଲି କହିବା ପୀଡିତା ଓ ସେମାନଙ୍କ ପରିବାରବର୍ଗ ପ୍ରତି ଅପମାନ ।

## ସ୍ନେହ,ସୌହାର୍ଦ୍ଦ ଓ ସଦ୍ଭାବନାର ପର୍ବ - ଇଦୁଲ୍ ଫିତର



◆ମୌଲାନା ଫଜଲ ହକ ଖାନ୍



ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ସାମ୍ପ୍ରଦାୟୀକ ସ୍ନେହ, ସୌହାର୍ଦ୍ଦ୍ୟ ଓ ସଦ୍ଭାବନା ଯୋଗୁଁ ଆମ ଦେଶ ବିଶ୍ୱରେ ଏକ ଅନନ୍ୟ ପରିଚୟ ସୃଷ୍ଟି କରିଛି । ପ୍ରତ୍ୟେକ ଧର୍ମ,ସମ୍ପ୍ରଦାୟ ଏବଂ ଜାତିରେ ଭିନ୍ନ ଭିନ୍ନ ପର୍ବ ପର୍ବାଣୀ ପାଳିତ ହୋଇଥାଏ । ଆମେ ଭାରତ ବାସୀ ସମସ୍ତେ ଏକତ୍ର ହୋଇ ସକଳ ଧର୍ମର ପର୍ବପର୍ବାଣୀକୁ ହର୍ଷ ଉଲ୍ଲାସର ସହିତ ପାଳନ କରିଥାଉ । ପ୍ରତ୍ୟେକ ପର୍ବପର୍ବାଣୀରେ ସମାଜ ପାଇଁ ଏକ ଶୁଭ ବାର୍ତ୍ତା ଓ ସଂଦେଶ ଦିଆ ଯାଇଥାଏ । ଇଦୁଲ ଫିତର ପର୍ବ ମଧ ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଥାଏ । ଏହା ସମାଜରେ ସ୍ନେହ,ସୌହାର୍ଦ୍ଦ୍ୟ ତଥା ଭାଇଚାରା ଆଣିଥାଏ । ଚତୁର୍ଦ୍ଦିଗରେ ଶୁଖ,ଶାନ୍ତି ଓ ସମନ୍ୱୟତାର ବାତାବରଣ ସୃଷ୍ଟି କରିଥାଏ । ଏ ପର୍ବ ଖାଇବାର ଏବଂ ଖୁଆଇବାର ପର୍ବ ହୋଇ ଥାଏ । ସେବା ଓ ସାହାଯ୍ୟର ପର୍ବ ହୋଇଥାଏ । ଗରିବର ଦୁଃଖକୁ ବୁଝିବାର ପର୍ବ ହୋଇଥାଏ । ପଡ଼ୋଶୀ ସହ ସହାନୁଭୂତି କରିବାର ପର୍ବ ହୋଇଥାଏ । ପରକୁ ନିଜର କରିନେବାର ପର୍ବ ହୋଇଥାଏ । ଘୃଣା, ଦ୍ୱେଷ, ମନମାଳିନତାକୁ ଭୁଲାଇ ଆଲିଙ୍ଗନ କରିନେବାର ପର୍ବ ହୋଇଥାଏ । ଶତ୍ରୁକୁ ମିତ୍ର କରିନେବାର ପର୍ବ ହୋଇଥାଏ । ଶାନ୍ତିରେ ରହି ଅନ୍ୟକୁ ଶାନ୍ତିରେ ରହିବାକୁ ଦେବାର ପର୍ବ ହୋଇଥାଏ । ଅନୈତିକତା, ଅମାନୁଷିକତା, ଅସଭ୍ୟତା ତଥା କୁକର୍ମ ଉପରେ ବିଜୟୀ ହେବାର ପର୍ବ ହୋଇଥାଏ । ମାନବ ସେବା ହିଁ ମାଧବ ସେବା ବୋଲି ଜାଣିନେବାର ପର୍ବ ହୋଇଥାଏ । ପ୍ରଭୁଙ୍କ ଛାମୁରେ ନିଜକୁ ସମର୍ପଣ କରିଦେବାର ପର୍ବ ହୋଇଥାଏ । ଖାରାପ ଦେଖିବି ନାହିଁ, ଖରାପ କହିବି ନାହିଁ, ଖରାପ ଶୁଣିବି ନାହିଁ ଏବଂ ଖରାପ କାମ କରିବି ନାହିଁର ଶିକ୍ଷାକୁ ଗ୍ରହଣ କରି ନେବାର ପର୍ବ ହୋଇଥାଏ । ପରିଶେଷରେ ଭଲ ମଣିଷଟିଏ ହୋଇ ପରମାତ୍ମାଙ୍କ ଠାରୁ ପରମାନନ୍ଦ ଲାଭ କରିବାର ପର୍ବ ହୋଇଥାଏ । ଏହି ଇଦ ପର୍ବରେ କୁନି କୁନି ପିଲାମାନେ ରଂଗ ବିରଂଗ ପୋଷାକ ପରିଧାନ କରିଥାନ୍ତି । ଘରର ବୟସ୍କର ମାନେ ସ୍ନାନ କରି



ନୂତନ ବସ୍ତ୍ର ପରିଧାନ କରି ସୁଗନ୍ଧ ଓ ସୁବାସିତ ଅତର ଲଗାଇ ଅଲ୍ଲାହଙ୍କ ମହାନତାର ଗୁଣଗାନ କରି ଇଦ ନମାଜ ପଢିବାକୁ ଯାଇଥାନ୍ତି । ଧର୍ମଗୁରୁ ବିଶେଷ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସଜ୍ଜନ ମଣ୍ଡଳିଙ୍କୁ ବିଶ୍ୱଶାନ୍ତି, ଭାଇଚାରା, ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା, ଅଖଣ୍ଡତା କାୟମ କରିବା କ୍ଷେତ୍ରରେ ଶାସକଙ୍କ ସହ ସହଯୋଗ କରିବାର ଉପଦେଶ ଦେଇଥାନ୍ତି । ପରିଶେଷରେ ସକଳ ଜଗତବାସୀଙ୍କ ମଙ୍ଗଳ କାମନା ପାଇଁ ନିରବ ପ୍ରାର୍ଥନା କରାଯାଇଥାଏ । ଘରକୁ ଫେରି ବନ୍ଧୁ ମିଳନ କରାଯାଇଥାଏ । ଜଣେ ଅନ୍ୟ ଜଣକୁ ଆନ୍ତରୀକତା ସହ ସହୃଦୟରେ ଆଲିଙ୍ଗନ କରି, ଇଦ୍ ଶୁଭେଚ୍ଛା ଜଣାଇଥାନ୍ତି । ଆମ ଦେଶରେ ଧର୍ମକୁ କେନ୍ଦ୍ରକରି ଅନେକ ଗୋଷ୍ଠୀ ଗଠିତ ଶକ୍ତି ନିଜର ପ୍ରଭାବ ବିସ୍ତାର କରିବାରେ ଲାଗିଛନ୍ତି । ଏଥିରେ କିଛି ମୁଷ୍ଟିମେୟ ଲୋକମାନଙ୍କର ରାଜନୈତିକ ଫାଇଦା ହାସଲ ହୁଏ ସତ, ମାତ୍ର ଜନ ସାଧାରଣଙ୍କର ଅନେକ କ୍ଷୟ କ୍ଷତି ଘଟିଥାଏ । ଘୃଣା ଓ ଅରାଜକତାର ବାତାବରଣ ମଧ୍ୟରେ, ଧର୍ମ ଧର୍ମ ମଧ୍ୟରେ ଘୃଣାର ପ୍ରାଚୀର ଛିଡ଼ା ହୁଏ । ସେହି ଲୋକମାନଙ୍କୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ଅବଗତ କରାଇ କୁହନ୍ତି ; ହେ ଦେଶବାସୀ ! ଆପଣା ମଧ୍ୟରେ ସନ୍ଧି ସ୍ଥାପନ କରି ନିଅ ଏବଂ ତୁମ ମଧ୍ୟରୁ ଯେଉଁ ଧର୍ମ ଓ ଜାତି ଏହି ସୌହାର୍ଦ୍ଦ୍ୟ ମୂଳକ ସନ୍ଧି କ୍ଷେତ୍ରରେ ବାଧା ଉପୁଯାଇବାକୁ ଉଦ୍ୟମ କରୁଥାଏ, ସେ ତାହା କରିବାକୁ କ୍ଷାନ୍ତ ରହୁ ; ନଚେତ୍ ନିଜ କୃତ ଦୁଷ୍କର୍ମ ଓ ଶତ୍ରୁତା ଆଚରିତ ସମସ୍ତ ପାପ ସେହି ଜାତିର ବେକ ଉପରେ ହିଁ ପଡ଼ିବ । ଏହା କାହାରିକୁ ଅଜଣା ନୁହେଁ ଯେ ଏକତା ଏପରି ଏକ ଶକ୍ତି ଯେ ଯେଉଁ ବିପଦ ଓ ଅସୁବିଧା ଗୁଡ଼ିକୁ ଅନ୍ୟ କୌଣସି ଉପାୟରେ ସମାଧାନ କରାଯାଇ ପାରିନଥାଏ, ତାହା ଏକତା ଦ୍ୱାରା ହିଁ ସହଜରେ ସମାହିତ ହୋଇ ଥାଏ । ଏକତାର ଆଶୀର୍ବାଦରୁ ନିଜକୁ ଦୂରେଇ ରଖିବା କୌଣସି ବିଜ୍ଞ ବ୍ୟକ୍ତିର କାର୍ଯ୍ୟ ନୁହେଁ । ଯଦି ଗୋଟିଏ ଜାତି ଅନ୍ୟ ଜାତିକୁ କେବଳ ନିଜ ଆତ୍ମ ବଡ଼ିମା ଓ ଆତ୍ମ ଗାରିମା ହେତୁ ଘୃଣା ଚକ୍ଷୁରେ ଦେଖେ, ତେବେ ସେ ମଧ ଦିନେ ଅନ୍ୟମାନଙ୍କର ଘୃଣାର ପାତ୍ର ହେବ । ଆଉ ସେମାନଙ୍କ ମଧ୍ୟରୁ ଯଦି କେହି ନିଜ ପଡ଼ୋଶୀଙ୍କୁ ସାହାଯ୍ୟ,ସହାନୁଭୂତି ଦେବାରେ ଅବହେଳା କରେ, ତେବେ ତାର ଏହି କାର୍ଯ୍ୟ ଦ୍ୱାରା ସେ ନିଜେ ହିଁ କ୍ଷତି ଗ୍ରସ୍ତ ହେବ । ଯଦି କେହି ତୁମ ମଧ୍ୟରୁ କୌଣସି ଗୋଟିକୁ ଲୋପ କରିବା ପାଇଁ ଚେଷ୍ଟା କରୁଥାଏ, ତେବେ ସେ ସେହି ବ୍ୟକ୍ତି ପରି, ଯିଏ କି ଯେଉଁ ଡ଼ାଳରେ ବସିଥାଏ, ସେହି ଡ଼ାଳକୁ ହିଁ ହାଣିବାରେ ଲାଗିଥାଏ । ଯଦି ବାସ୍ତବିକ ରୂପେ ନିଜ ଦେଶର ବିକାଶ ତଥା ସମୃଦ୍ଧିରେ ଅଗ୍ରସର ହେବାକୁ ଚାହୁଁଛନ୍ତି, ତା ହେଲେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଦେଶପ୍ରେମୀକୁ ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକଙ୍କ ଦ୍ୱାରା ପ୍ରଣୀତ ବିଚାର ଧାରାକୁ ଆପଣେଇବାକୁ ହେବ । ଅହମଦୀୟା ମୁସଲିମ ସଂପ୍ରଦାୟର ୪ର୍ଥ ଖଲିଫା କୁହନ୍ତି ; ଈଶ୍ୱର ଭାରତ ବର୍ଷରେ ଶାନ୍ତି ବିରାଜିତ କରନ୍ତୁ । ଦେଶରେ ଘୃଣା ଓ ହିଂସାର ଯେଉଁ ଲହର ସୃଷ୍ଟି କରାଯାଇଛି ଏବଂ ଜଣେ ଭାରତୀୟ ଅନ୍ୟ ଜଣେ ଭାରତୀୟ ଭାଇର ଯେପରି ରକ୍ତ ପିପାସୁ ସାଜିଛି, ଈଶ୍ୱର ସେହି ସବୁ ଉପଦ୍ରବକୁ ଦୂରକରି ଦିଅନ୍ତୁ । ସମସ୍ତ ଭାରତୀୟଙ୍କୁ ମାନବିୟ ଆଦର୍ଶରେ ଅନୁପ୍ରାଣିତ ହୋଇ, ଏକଜୁଟ ହୋଇ ରହିବାର ସାମର୍ଥ ପ୍ରଦାନ କରନ୍ତୁ । ମନେରଖ ! ଯେଉଁ ବ୍ୟକ୍ତି ମାନବ ଜାତି ସହ ପ୍ରେମ କରେ ନାହିଁ, ସେ ସୃଷ୍ଟିକର୍ତ୍ତାଙ୍କୁ ମଧ ପ୍ରେମ କରେ ନାହିଁ । ରମଜାନ ଆମକୁ ସ୍ନେହ, ସୌହାର୍ଦ୍ଦ୍ୟ, ସମ୍ମାନ, ଭାତୃଭାବ, ତ୍ୟାଗ ଓ ମୈତ୍ରୀତାର ଉଚିତ୍ ଶିକ୍ଷା ଦେବାକୁ ଆସିଥାଏ । ଆସନ୍ତୁ ଆମେ ଏହି ପଙ୍କ୍ତିର ପ୍ରକୃତ ମର୍ମକୁ ବୁଝି ଭାରତମାତାର ଟେକ ବଜାୟ ରଖିବା । '' ହିନ୍ଦ, ମୁସଲିମ, ଶିଖ, ଇସାଇ ହମ୍ ସବ୍ ହେଁ ଭାଇ ଭାଇ /ଭାଇକୋ ହେ ଭାଇ ପ୍ୟାରା ଐସା ୱତନ୍ ରହେ ହମାରା !'' ଖୁଦା ହାଫିଜ୍ । ସବ୍‌କୋ ଇଦ୍ ମୁବାରକ୍ ।

ମଙ୍ଗଳାବାଗ-କଟକ-
୯୬୯୨୨୨୫୦୫୭



# ଜଙ୍ଗଲ ସୁରକ୍ଷା - ଜୀବନ ରକ୍ଷା

ଈଶ୍ୱର ଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି , ତାର ପଚଂଭୂତ ,ଜଳ ,ସ୍ଥଳ, ବାୟୁ , ପ୍ରାଣୀ ,ଉଦ୍ଭିଦ ଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେ ବେଳେ ଗ୍ରୀଷ୍ମର ରୌଦ୍ର ପଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି , ଶରତ ର ଶୁଭ୍ର ଶୋଭାତ ତ ହେମନ୍ତ ର କାକର , ଶୀତର ଶୀତଳତା ଓ ରିତୁରାଜ ବସନ୍ତ ର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ , ଷଡ଼ରିତୁ ଲୀଳା ରେ ପ୍ରକୃତି ର ଜୟଗାନ । ପ୍ରାକୃତିକ ସୁଷମା ର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର , ତରଙ୍ଗ ଶୋଭିତ ନଦୀ ସକଳ , ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା , ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର , ଆମ୍ର , ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା , ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ , ଘନସନିବିଷ୍ଟ ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତି ର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନ ସଂଖ୍ୟାର ଅଭିବୃଦ୍ଧି , କଳକାରଖାନା ମାନଙ୍କ ର ଅବିଶ୍ୱାସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟୟ ଶିଳ୍ପ ସଂସ୍ଥା ମାନଙ୍କ ଦ୍ୱାରା ମାଟି , ବାୟୁ ,ଜଳ ,ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବ ଜଗତ .ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟ ର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ପ୍ରକୃତି ର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲ ର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତି କୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତ ର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜା ମାନେ ଅଭୟା ଅରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷ ପୂଜା କୁ ଆମ ସଂସ୍କୃତି ର ମହାନ ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷ କୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷ ପୂଜା ର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମାହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞ୍ୟାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନ ପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ ,ଶାଳ , ପ୍ରିୟଙ୍ଗୁ ,ଶିରିଷ , ନାଗକେଶର . ତମ୍ବୁର , ପାଟଳିକ ,ଜାମୁ ଅଶ୍ୱତଥ , ଦଧିପର୍ଣ୍ଣ , ନନ୍ଦୀବୃକ୍ଷ , ତୀଳକ ତରୁ ,ଚୂତ ,ଅଶୋକ , ଚମ୍ପକ , ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରା ଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପାରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷ ରୁ ଦାରୁ ଦେବତା ଓ ଦେବୀ ଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷ ପୂଜା କୁ ଆହୁରୀ ରୁଦ୍ଧି ମନ୍ତ କରିଥାଏ , ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଚଂପଲ୍ଲବ କି ଖମ୍ବେଶ୍ୱରୀ ଦେବୀ ପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତା ଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କ ର ଖାଣ୍ଡବବନ , ରାବଣର ଅଶୋକ ବାଟିକା , ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନ ମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହା ଠାରୁ ପ୍ରତି ଜୁଲାଇ ୧ ତାରିଖ ରୁ ୭ ତାରିଖ ପ୍ରର୍ଯ୍ୟନ୍ତ ବନ ମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତ କୁ ସୁସ୍ଥ ନିରାମୟ ରଖିବାରି ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷ ଲତା ମାନେ । ଆକଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତା ମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳେ ଯିଏ ଘର ଟି କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସି , ଗୁଆ ,କଦଳୀ , ବେଲ ,ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତ ରୁ ରକ୍ଷା ପାଇଁ ତାଳଗଛ ଲଗା ଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷ ର ସାହାଯ୍ୟ ଆଦିମ ଅଧିବାସି ମାନେ ନେଉଥିଲେ । କିନ୍ତୁ ବର୍ତମାନ ପରିବେଷ ଅସନ୍ତୁଳନ ରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲ ଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନ ମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତା ମାନଙ୍କ ର ଉଚିତ୍ ଦେଖାଶୁଣା ତଥା ରକ୍ଷଣବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନ ମହୋତ୍ସବ ସର୍ବତ୍ର ପାଳନ କରା ଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରି କଟକଣା ରହିଛି । ସରକାର ଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରି ପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।


# ପ୍ରାଣୀ ସୁରକ୍ଷା ଦିବସ

◆ ଅକ୍ଷୟ କୁମାର ରାଉତ

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ , ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ ଘଂଚ ଜଙ୍ଗଲ । ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ । ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ୱର୍ଶୀ ହୋଇଥାଏ । ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ । ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ । ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟିହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ । ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିଶୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ । ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ । କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି । ବୃକ୍ଷଲତା, ଗୁଳ୍ମଆଦି, ପଶୁପକ୍ଷୀ, ଜୀବଜନ୍ତୁ ମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ । ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ । ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି । ଶିକାରୀ ମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ । ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି । ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ km୨ ଓ ୫୬୬ ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ km୨ ଅଟେ । ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି । ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ । ଓଡ଼ିଶାରେ ୧୯ ଟି ଅଭୟାରଣ୍ୟ



ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି । ଆମ ଭାରତ ବର୍ଷରେ ୫୨ ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ ଟି ହାତୀ ସଂରକ୍ଷନ ରହିଅଛି । ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି । ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ(ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି । କେନ୍ଦ୍ର ସରକାର ବନ୍ୟଜନ୍ତୁ ମାନଙ୍କ ସୁରକ୍ଷା ପାଇଁ **The Indian Board For Wildlif**ର ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି । ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ । ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ । ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି । ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭ୍ୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର



ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ । ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି । ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ,କୁମ୍ଭୀର , ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି । ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି । ହିମାଳୟ ପାଦ ଦେଶାଂଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି । ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି । ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି । ହିମାଳୟ ପାର୍ବତ୍ୟାଂଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ । ମଧ୍ୟ ପ୍ରଦେଶ, ଓଡ଼ିଶା, ଉତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି । ଓଡ଼ିଶାର ସରୀସୃପ ମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ । ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି । ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି । ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍ ' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି । ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀ ମାନଙ୍କର ସାଧୁତା ଓ ନିଷ୍ଠାପର କର୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ ।

*ମିଳିମିଶି କଲେ ପ୍ରାଣୀ ସୁରକ୍ଷା*
*ମନୁଷ୍ୟ ସମାଜ ହୋଇବ ରକ୍ଷା ।*

*ପଙ୍କପାଳ, ବଣିକୁନ୍ଦ, ଜଗତ୍‌ସିଂହପୁର, ମୋ.- ୯୯୩୭୬୯୧୪୭୫*







# ଜଳବାୟୁ ପରିବର୍ତ୍ତନର ପ୍ରଭାବ

◆ ଯୁଧିଷ୍ଠିର ମହାରଣା

ଆସନ୍ନ ଖରାର ପ୍ରକୋପ ଏବେଠାରୁ ଜଳ ଜଳ ଦିଶିଲାଣି । ଇତିମଧ୍ୟରେ ପାଣିପାଗ ବିଭାଗର ପ୍ରାକ୍ ସୂଚନା ମଧ୍ୟ ମିଳି ସାରିଛି । ଏ ବର୍ଷ ଖରା ଅଧିକ ରହିବ କିନ୍ତୁ ଆସନ୍ନ ବର୍ଷା ଋତୁ ବଡ଼ କଷ୍ଟକର ହୋଇଯିବ । ସୂଚନା ଥାଉକି ଗତ ବର୍ଷ ଦରକାର ବେଳେ ବର୍ଷା ହେଲାନାହିଁ । ଗତବର୍ଷ ବର୍ଷା ଋତୁରେ କିନ୍ତୁ ବିକ୍ଷିପ୍ତ ବର୍ଷା ଦେଖିବାକୁ ମିଳିଥିଲା । ଗତ ବର୍ଷ ନଭେମ୍ବର ମାସର ବର୍ଷା ଚାଷୀ ମାନଙ୍କ ପାଇଁ ଅଭିଶାପ ସାବ୍ୟସ୍ତ ହୋଇଥିଲା । ଏଭଳି ଜଳବାୟୁ ପରିବର୍ତନ ପାଇଁ ଚଳିତ ବର୍ଷ ଖାଦ୍ୟ ଉତ୍ପାଦନ ୧୫ରୁ ୧୭ ପ୍ରତିଶତ ଯାଏ କମିବ ବୋଲି ରାଜ୍ୟର କୃଷି ବିଜ୍ଞାନୀମାନେ ଆଶଙ୍କା କରିଛନ୍ତି । ଚଳିତ ବର୍ଷ ଜୁନ, ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱାଭାବିକ ଠାରୁ କମ ବର୍ଷା ହେବ । ଫଳରେ ରାଜ୍ୟର ଅନେକ ସ୍ଥାନରେ ମରୁଡ଼ି ଭଳି ପରିସ୍ଥିତି ଉପୁଜି ପାରେ । ଯେଉଁଠି ଜଳସେଚନର ସୁବିଧା ନାହିଁ ସେଠାରେ ଚାଷୀମାନେ ଏହି ଉତ୍କଟ ପରିସ୍ଥିତିର ସାମ୍ନା କରିବେ । ଗତ ବର୍ଷ ବର୍ଷାର ଅନିୟମିତତା ଯୋଗୁଁ ଚାଷୀମାନେ ବିଳମ୍ବରେ ଧାନରୁଆ କାମ ଆରମ୍ଭ କରିଥିଲେ । ତାଠୁ ବେଶୀ ବଳି ଯାଇଛି ନଭେମ୍ବର ମାସର ଲଗାଣ ବର୍ଷା । ପରିସ୍ଥିତି ଏଭଳି ହୋଇଛି ଯେ, ଧାନ ବିଲରେ ପାଣି ଜମା ହୋଇ ରହିବା ଯୋଗୁଁ ଗଛ ମାଟିରେ ଲୋଟି ପଡ଼ିଛି । ଧାନ କଟା ବେଳେ ଏଭଳି ସମସ୍ୟା ଚାଷୀକୁ ଅଧିକ କ୍ଷତିଗ୍ରସ୍ତ ହୋଇଛି । ବିଶେଷକରି ଗଞ୍ଜାମ, ଗଜପତି, ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲା, ନୟାଗଡ଼, ବୌଦ୍ଧ, ଦେବଗଡ଼ ଆଦି ଜିଲ୍ଲାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଜୁନରୁ ଅଗଷ୍ଟ ଯାଏ ମରୁଡ଼ି ପରିସ୍ଥିତି ପରେ ଓ ନଭେମ୍ବର ମାସର ଲଗାଣ ବର୍ଷାକୁ ଛାଡ଼ିଦେଲେ ଗତ ବର୍ଷ ଚକାଡ଼ । ପୋକ ବାଲେଶ୍ୱର, ଭଦ୍ରକ, ବଲାଙ୍ଗିର ସମେତ ପଶ୍ଚିମ ଓଡ଼ିଶାର ଅଧିକାଂଶ ଜିଲ୍ଲାର ଚାଷୀଙ୍କୁ କନ୍ଦାଇଥିଲା । ଥୋଡ଼ ବାହାରିବା ବେଳେ ପୋକ ଲାଗିବାରୁ ଗଛ ନାଳି ପଡ଼ିଯାଇଥିଲା ଆଉ ପତ୍ର ଶୁଖି ଗଛ ଝାଉଁଳି ପଡ଼ିଥିଲା । କେଣ୍ଟା ଆହାର ନ ପାଇ ଗଛ ନଷ୍ଟ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । କେବଳ ଧାନ ନୁହେଁ ଡାଲି ଜାତୀୟ ଚାଷ ଓ ପନିପରିବା ଚାଷକୁ ବି ପାଣିପାଗ ସୁହାଇନି । ସାଧାରଣତଃ ଜୁଲାଇ ଓ ଅଗଷ୍ଟ ମାସ ମଧ୍ୟରେ ରାଜ୍ୟରେ ବର୍ଷା ଅଧିକ ହୋଇଥାଏ । ଏହାକୁ ଆଖି ଆଗରେ ରଖି ଚାଷୀ ଚାଷ କାମ ଆରମ୍ଭ କରିଥାଏ । ମାତ୍ର ଗତ ବର୍ଷ ଜୁନ ମାସରେ ୧୮୧.୩ ମିଲିଲିଟର ବର୍ଷା ହୋଇଥିବା ବେଳେ ତାହା ସ୍ୱାଭାବିକ ବର୍ଷା ଠାରୁ ୧୭% କମ ହୋଇଛି । ସେହିପରି ୨୦୨୧ ଜୁଲାଇ ମାସରେ ୨୦% ଓ ଅଗଷ୍ଟ ମାସରେ ୪୪% କମ ବର୍ଷା ହୋଇଛି । କେବଳ ଗତ ବର୍ଷ ନୁହେଁ ଗତ ୫ରୁ ୭ ବର୍ଷ ହେଲା ପରିସ୍ଥିତି ଏଭଳି ଲାଗି ରହିଛି । ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୦୧୬ ମସିହା ଜୁନ ମାସରେ ସ୍ୱାଭାବିକ ଠାରୁ ବର୍ଷାର ପରିମାଣ କମ ଥିଲା । ସେ ବର୍ଷ ସମୁଦାୟ ୧୬୨.୩ ମିଲିଲିଟର ବର୍ଷା ହୋଇଥିବାବେଳେ ତାହା ସ୍ୱାଭାବିକ ଠାରୁ ୨୪% କମ ଥିଲା । ସେହିପରି ୨୦୧୮ରେ ୧୫୫.୫ ମିଲିଲିଟର ବର୍ଷା ହୋଇଥିବା ବେଳେ ତାହା ସ୍ୱାଭାବିକ ଠାରୁ ୨୭% କମ, ୨୦୧୯ରେ ୧୪୬.୪ ମିଲିୟନ ବର୍ଷା ହୋଇ ଥିବା ବେଳେ ତାହା ସ୍ୱାଭାବିକ ଠାରୁ ୩୩% କମ ଥିଲା । ଗତ ପାଂଚ ବର୍ଷ ହେଲା ପାଣିପାଗରେ ଆଉ କୌଣସି ନିର୍ଦ୍ଦିଷ୍ଟ ପାର୍ଟର୍ନ ରହୁନାହିଁ । କେତେ ବେଳେ ଅଧିକ ବୃଷ୍ଟିପାତ ଯୋଗୁଁ ବନ୍ୟା ହେଉଛି ତ କେତେବେଳେ ଅନାବୃଷ୍ଟି ଓ ଅଳ୍ପବୃଷ୍ଟି ପାଇଁ ମରୁଡ଼ି ହେଉଛି । ପରିବର୍ତିତ ପାଣିପାଗ ଯୋଗୁଁ ଚାଷ ଉପରେ ସାଂଘାତିକ ପ୍ରଭାବ ପଡୁଛି । ଓଡ଼ିଶାରେ ୪୦ ଲକ୍ଷ ହେକ୍ଟର ଏକରରୁ ଅଧିକ ଜମିରେ ଖରିଫ ଚାଷର ଉତ୍ପାଦନ ନିର୍ଭର କରିଥାଏ । କେବଳ ଖରିଫ ନୁହେଁ ରବି ଋତୁ ପାଇଁ ବିଭିନ୍ନ ପରିବେଶ ଓ ପାଣିପାଗର ଆବଶ୍ୟକତା ରହିଛି । ସେଥିପାଇଁ ପାରମ୍ପରିକ କୃଷି ପଦ୍ଧତିରେ ଖରା ଓ ଶୀତ ମାସ ପାଇଁ ଭିନ୍ନ ଭିନ୍ନ ଚାଷ କରାଯାଇଥାଏ । ପାଣିପାଗ, ଜଳବାୟୁ ବର୍ଷା ଉପରେ ଚାଷର ବୃଦ୍ଧି, ଓ ଉତ୍ପାଦନ ନିର୍ଭର କରିଥାଏ । ଅର୍ଥାତ୍ ଏଥିରେ ଅସମାନତା ଆସିଲେ ଉତ୍ପାଦନ ପ୍ରଭାବିତ ହୁଏ । କିନ୍ତୁ ଗତ କିଛି ବର୍ଷ ହେବ ଓଡ଼ିଶାରେ କ୍ରମାଗତ ଭାବେ ବର୍ଷାରେ ଅନିୟମିତତା ଦେଖାଦେଉଛି । ଜୁନରୁ ସେପ୍ଟେମ୍ବର ୪ ମାସ ବର୍ଷା ହେଉଥିବାବେଳେ ଏବେ ସେଥିରେ ପରିବର୍ତନ ଆସିଛି । ଜୁଲାଇ ଓ ଅଗଷ୍ଟ ମାସରେ ସର୍ବାଧିକ ବର୍ଷା ହେବା କଥା ହେଲେ ଗତ ୫ ବର୍ଷ ହେବ ଜୁଲାଇ ମାସରେ କ୍ରମାଗତ ଭାବେ ବର୍ଷାର ପରିମାଣ କମିଛି । ଯାହାକି ସ୍ୱାଭାବିକ ଠାରୁ ବି କମ । ପୁଣି ମୌସୁମୀର ଆଗମନରେ ଯଦିଓ ବର୍ଷା ହେଉଛି ହେଲେ ତାହା ଦୀର୍ଘସ୍ଥାୟୀ ହେଉନି । ଫଳରେ କୃଷିରେ ଗଜା ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଛି । ଯାହାକି ଜଳବାୟୁ ପରିବର୍ତନର ଭୟାବହତାକୁ ଆଙ୍ଗୁଳି ଦେଖାଉଛି । ୨୦୨୧ର ଏକ କୃଷି ଭିତିକ ରିପୋର୍ଟରୁ ଜଣାଯାଇଛି ଯେ ବିଶ୍ୱରେ ୬୯୦ ନିୟୁତ ଲୋକ ଅର୍ଥାତ୍ ସମ୍ପୂର୍ଣ୍ଣ ଜନସଂଖ୍ୟାର ୮.୯% ପ୍ରତିଦିନ ଖାଦ୍ୟ ଅଭାବ ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ବଦଳୁଥିବା ପାଣିପାଗ ଯୋଗୁଁ ବିଶ୍ୱରେର କେବଳ ଖାଦ୍ୟ ଉତ୍ପାଦନ କମିନି ବରଂ ଖାଦ୍ୟର ଗୁଣବତା ବି ନଷ୍ଟ ହୋଇଛି । ଅମଳ ସାଙ୍ଗକୁ ପଶୁପାଳନର ଉତ୍ପାଦନ ବି କମିଛି । ଋଷ, ୟୁକ୍ରେନ ଯୁଦ୍ଧ ପାଇଁ ବିଶ୍ୱରେ ଖାଦ୍ୟ ସଙ୍କଟ ମଧ୍ୟ ଦେଖାଦେବ । ଏ ସବୁ ପରିସ୍ଥିତିକୁ ଦେଖିଲେ ଋତୁକାଳୀନ ପାଗର ଅଚାନକ ପରିବର୍ତନ କୃଷି ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରୁଛି ।

*ଆଡ଼ଭୋକେଟ, ଓଡ଼ିଶା ହାଇକୋର୍ଟ, କଟକ : ୯୪୩୭୧୬୩୫୨୮*

# ମାତା ଧରିତ୍ରୀ ଓ ପୃଥିବୀର ପରିବେଶ

◆ ଡକ୍ଟର ରାଜକିଶୋର ମିଶ୍ର

ସଚରାଚର ବିଶ୍ୱ ବ୍ରହ୍ମାଣ୍ଡ ହେଉଛି ଭଗବାନଙ୍କ ସୃଷ୍ଟି । ଏବଂ ଏହି ସୁନ୍ଦର ସୃଷ୍ଟିର ପରିବେଶକୁ ଗଢ଼ିଛନ୍ତି ଭଗବାନ । ପ୍ରକୃତି ବିନା ପରିବେଶ ଏବଂ ପରିବେଶ ବ୍ୟତୀତ ଭଗବାନଙ୍କ ସବ୍ରଶ୍ରେଷ୍ଠ ସୃଷ୍ଟି ସେହି ତଥାକଥିତ 'ଅମୃତସ୍ୟ ପୁତ୍ର'ଗଣ ହେଉଛନ୍ତି ଏହି ଧରିତ୍ରୀ ମାତା ଉପରେ ଆତଯାତ ହେଉଥିବା ଆମ୍ଭେ ସମସ୍ତେ । ଆଜି ହେଉଛି ବିଶ୍ୱ ଧରିତ୍ରୀ ଦିବସ । ଏହି ଦିବସକୁ ପାଳନ କରିବାର ଉଦ୍ଦେଶ୍ୟ ହେଲା, ଆମେ ବସବାସ କରୁଥିବା ପୃଥିବୀର ପରିବେଶକୁ କିଭଳି ସନ୍ତୁଳିତ ରଖିବା ଏବଂ ସମଗ୍ର ଜୀବଜଗତ ପ୍ରତି ଶ୍ରଦ୍ଧାଶୀଳ ହେବା । ୧୯୭୦ ମସିହା ଫେବୃୟାରୀ ମାସରେ ଧରିତ୍ରୀ ଦିବସର ପାଳନ ନିମିତ ଏହାର ଚୂଡ଼ାନ୍ତ ରୂପରେଖ ଜାତିସଂଘକୁ ପଠାଯାଇଥିଲା । ଜାତିସଂଘ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ସ୍ୱୀକୃତି ଦେଇଥିଲେ । ଏଣୁ ପ୍ରତିବର୍ଷ ମାର୍ଚ୍ଚ ମାସ ୨୧ ତାରିଖକୁ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ସମ୍ପ୍ରତି ଧରିତ୍ରୀ ଓ ବିଶ୍ୱ ପରିବେଶ ଘୋର ସଂକଟରେ ସମ୍ମୁଖୀନ ହେଉଛି । ଏହାର କାରଣ ହେଉଛି ଆଜି ସବୁ ମାନବୀୟ ମୂଲ୍ୟବୋଧ ଅବକ୍ଷୟ ପଥରେ ଧାବମାନ ହେଉଛି । ସବୁଠି ଭୁଲ ବୁଝାମଣାର ଶିକାର ପାଲଟୁଛନ୍ତି ସମସ୍ତେ । ସମସ୍ତେ କହୁଛନ୍ତି ଆମ୍ଭେ ମାନେ ଶାନ୍ତି ଚାହୁଁ କିନ୍ତୁ ଶାନ୍ତି କେଉଁଠି ମିଳିବ ? ଧରିତ୍ରୀ ମାତା ଏବଂ ପରିବେଶ ହେଉଛି ସ୍ୱୟଂ ଜଗତ୍‌ସୃଷ୍ଟ । ପରିବେଶ ପ୍ରସଙ୍ଗରେ ସାମ୍ପ୍ରତିକ କ୍ଷେତ୍ରରେ ବୁଦ୍ଧିଜିବୀଙ୍କ ଠାରୁ ପରିବେଶବିତ୍, ଲୋକପ୍ରତିନିଧିଙ୍କ ଠାରୁ ଗଣମାଧ୍ୟମ, ବେସରକାରୀ ସ୍ୱେଚ୍ଛାସେବୀ ସଂଗଠନ ଠାରୁ ନାରୀ ମହଲ ସବୁଠି ଉଦ୍‌ବେଗ ପ୍ରକାଶ ପାଉଛି ବିଭିନ୍ନ ପ୍ରସଙ୍ଗରେ । କଥା ଉଠୁଛି, ପରିବେଶକୁ ଭଲପାଇ ଧରିତ୍ରୀ ମାତାର ଛାତି ଉପରେ ଆତଯାତ ହେଉଥିବା କେହି ଅମୃତର ସନ୍ତାନମାନେ ଆଉ କେବେ ତା ଭିତରର ଆକୁଳ ବେଦନାଭରା ପ୍ରାର୍ଥନା ଶୁଣିବାକୁ ସମର୍ଥ ହୋଇପାରିବେ ? ମାଆ କେବେ ତାର ସନ୍ତାନ ମାନଙ୍କୁ ଅଭିଶାପ ଦେଇନଥାଏ । ସେହିପରି ଧରିତ୍ରୀ ମାତା ଯୁଗେ ଯୁଗେ ତାର ସନ୍ତାନ ସଦୃଶ ଆମ୍ଭମାନଙ୍କୁ ସବୁବେଳେ ତାର କ୍ଷମାର ମୂର୍ତିମନ୍ତ ସ୍ୱରୂପକୁ ପ୍ରକଟିତ କରି ସଦାସର୍ବଦା କ୍ଷମାମୟୀ ଗରିୟସୀ ମାଆ ଭାବରେ ପୂଜିତ । ପରିବେଶର ଭୟାବହ ପ୍ରଦୂଷଣ ପାଇଁ ଆଜି ସମସ୍ତେ ଉଦ୍‌ବେଗ ପ୍ରକାଶ କରୁଥିଲେ ବି ବାସ୍ତବରେ ଆମ୍ଭମାନଙ୍କ ଆଖିରେ କ'ଣ ସତରେ ଲୁହ ରହିଛି ? ନାଁ କୁମ୍ଭୀର କାନ୍ଦଣା ପରି ଆମ୍ଭେମାନେ



ଦୁଇଆଖିରୁ ଲୁହ ଗଡ଼ାଇ ଚାଲିଛେ । ତେଣୁ ବର୍ତମାନ ବି ସମୟ ରହିଛି ଆସନ୍ତୁ ଧରିତ୍ରୀମାତାକୁ ଭଲ ପାଇବା ଆମ ଆଖପାଖର ପରିବେଶକୁ ଭଲପାଇ ସେମାନଙ୍କ ଆନନ୍ଦ ଓ ପବିତ୍ର ପରିବେଶ ଭିତରେ ନିଜକୁ ହଜାଇ ଦେବା । ଅନେକ ହୁଏତ ଜାଣିନଥିବେ ଆମ୍ଭମାନଙ୍କର ତଥାକଥିତ ପ୍ରଚାର ପ୍ରସାର ଠାରୁ ଦୂରେଇ ଅନେକ ଆଧ୍ୟାତ୍ମିକ ଓ ଶିକ୍ଷା ଅନୁଷ୍ଠାନର ପରିସର ରହିଛି ଯାହାର ଚତୁଃପାର୍ଶ୍ୱରେ ଗଢ଼ିଉଠିଛି ବିଶାଳକାୟ ସବୁଜବନାନୀ ପରିବେଶ । ସେହି ସ୍ଥାନ ମାନଙ୍କରେ ଫୁଟିଛି ଶୋଭନୀୟ ଧରିତ୍ରୀର ସବୁଜିମା । ଆଉ ପିଲାମାନଙ୍କୁ ସଦାସର୍ବଦା ଶିକ୍ଷା ଦିଆଯାଏ ଧରିତ୍ରୀ ମାତା ହେଉଛି ଆମର ବିଶ୍ୱମାତା ଏବଂ ସର୍ବୋପରି ଫୁଲକୁ ଭଲପାଇ ପ୍ରସ୍ଫୁଟିତ ଫୁଲର ମହକକୁ ତା ମାଆର ପଣତରୁ ନଛଡ଼ାଇବା ପରି ଶୋଭନୀୟ ଶିକ୍ଷାକେନ୍ଦ୍ରରେ କେଉଁଠି ଫୁଲକୁ ଛିଣ୍ଡାଯାଏ ନାହିଁ । ଆଜି ବିଭିନ୍ନ ଗଣମାଧ୍ୟମର ପୃଷ୍ଠ ଲେଟାଇଲେ ଦେଖାଯାଉଛି ଧରିତ୍ରୀ ପ୍ରତି ବିପଦକୁ ନେଇ ବିଭିନ୍ନ ସମୟରେ ବୈଜ୍ଞାନିକମାନଙ୍କ ଉଦ୍‌ବେଗ । ବିଭିନ୍ନ ସମୟରେ ପରିବେଶଜନିତ ଭୟଙ୍କର ଅବକ୍ଷୟ ପାଇଁ ଆଜି ସବୁକ୍ଷେତ୍ରରେ ସଚେତନତାର ମୁହୂର୍ତ ପହଂଚିଥିଲେ ବି ଆମ୍ଭେମାନେ ବାସ୍ତବରେ କ'ଣ ସଚେତନ । ବଡ଼ଖୁସିର କଥା ଆମ ରାଜ୍ୟର ଜଣେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ପରିବେଶକୁ ଓ ଧରିତ୍ରୀମାତାକୁ ଭଲପାଇ ବିଦ୍ୟାଳୟକୁ ଯାଉଥିବା ପିଲାମାନଙ୍କ ସହିତ ବୃକ୍ଷରୋପଣ କରି ପିଲାମାନଙ୍କୁ ସବୁଜବନାନୀ ପରିବେଶକୁ ଭଲପାଇବା ପାଇଁ ପରାମର୍ଶ ଦେଉଛନ୍ତି କେବଳ ସେତିକି ନୁହେଁ ଭୁବନେଶ୍ୱରରେ ସେ ଭଲପାଉଥିବା ଦୁଇଟି ପୁଷ୍ପ ଉଦ୍ୟାନକୁ ତାଙ୍କର ସୁଦୂର ବନ୍ଧୁ ମାନଙ୍କୁ ଦେଖାଇବାକୁ ଭୁଲି ନଥାନ୍ତି । ବିଜୁବାବୁ ବି ଜଣେ ପରିବେଶକୁ ଭଲ ପାଉଥିବା ବିଶାଳ ବ୍ୟକ୍ତିତ୍ୱ ଥିଲେ । ରାଜ୍ୟର ପ୍ରଗତି ସହ ଧରିତ୍ରୀ ମାତା ଓ ପରିବେଶର ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି । ଆଜି ରାଜ୍ୟରେ ଦ୍ରୁତ ଶିଳ୍ପାୟନର ବିକାଶ ପାଇଁ ଯୋଜନା ଚାଲିଥିବାବେଳେ ସମସ୍ତେ ପରିବେଶ ପ୍ରଦୂଷଣ ପାଇଁ ଗୁରୁତ୍ୱ ପ୍ରଦାନ କରି ପ୍ରଦୂଷଣକୁ ରୋକିବା ସହ ଧରିତ୍ରୀ ମାତା ପାଇଁ ନିଜ ଭଲପାଇବାକୁ ନିଜ ଭାବନା ସହିତ ଏକ କରି ଚାଲିଲେ ଧରିତ୍ରୀ ମାତା ହସିଉଠିବ । ଏକ ସୁନ୍ଦର ଶୋଭନୀୟ ପରିବେଶ ଆମ ସମସ୍ତଙ୍କ ଚତୁଃପାର୍ଶ୍ୱରେ ଆମ ଜୀବନର ପ୍ରଗତି ପାଇଁ ଆମ୍ଭ ମାନଙ୍କୁ ପ୍ରେରଣା ଯୋଗାଇବ । ଆଜି ସମଗ୍ର ବିଶ୍ୱରେ ଉତପ୍ତ ବସୁଧା ଓ ପାଣିପାଗ ତଥା ପରିବେଶ ଯେଉଁପରି ଭୟଙ୍କର ଭାବେ ବିଷାକ୍ତ ତଥା ପ୍ରଦୂଷଣର ଗୁରୁଗମ୍ଭୀର ଆହ୍ୱାନକୁ ସାମ୍ନା କରୁଛି ତାହା ଆମ ସମସ୍ତଙ୍କୁ ଭଲ ଭାବେ ଜଣା । ଧରିତ୍ରୀକୁ ଭଲ ପାଇବା ଅର୍ଥ ଆମ ସବୁଜିମା ସହିତ ପ୍ରକୃତିକୁ ଭଲ ପାଇବା । ବାସ୍ତବରେ ପ୍ରକୃତି ହେଉଛି ଆମର ମାତା । ଆମ୍ଭମାନଙ୍କ ଭିତରେ ସବୁଜ ପରିବେଶକୁ ଭଲ ପାଇବା ସହ ବ୍ୟାପକ ବୃକ୍ଷରୋପଣ ଓ ଜଙ୍ଗଲ ସୃଷ୍ଟି ସହିତ ପରିବେଶକୁ କିପରି ପ୍ରଦୂଷଣରୁ ମୁକ୍ତ ରଖିବା ଏହି ଆହ୍ୱାନ ଆମ ସମସ୍ତଙ୍କ ଭିତରେ ଜାଗରିତ ହେବା ଉଚିତ । ଖୁସିର କଥା ଆଜିକାଲି ଅନେକ ବ୍ୟକ୍ତିବିଶେଷ ଓ ସଙ୍ଗଠନ ମାନେ ବୃକ୍ଷରୋପଣକୁ ଗୁରୁତ୍ୱ ଦେଉଛନ୍ତି, ସବୁଜିମାକୁ ଭଲ ପାଉଛନ୍ତି ଏପରିକି ଅନେକ କାର୍ଯ୍ୟକ୍ରମରେ ଗଛ ଲଗାଇବା ଓ ଗଛକୁ ବନ୍ଧୁ ଭାବେ ଉପହାର ଦେବା ତଥା ସୁରକ୍ଷା ପାଇଁ ଶପଥ ନେବାର ଯେଉଁ ଦାୟିତ୍ୱ ନିର୍ବାହ କରୁଛନ୍ତି ତାହା ଖୁସିର କଥା । ତେବେ ସବୁକଥାରେ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ । କାରଣ ଏସବୁ ଆହ୍ୱାନକୁ ଆମେ ସମସ୍ତେ ଗ୍ରହଣ କରି ଆମ୍ଭ ମାନଙ୍କ ଜୀବନରେ କାର୍ଯ୍ୟକରେ ପରିଣତ କଲେ ଧରିତ୍ରୀ ଦିବସର ଗୁରୁତ୍ୱ ଯଥାର୍ଥରେ ପ୍ରତିପାଦିତ ହୋଇ ପାରିବ ।

*ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, : ୭୦୦୮୧୮୧୮୨୦*

# ଜଳ ଉତ୍ସବ: ଜନ ଭାଗିଦାରୀର ସଂକଳ୍ପ



ସି.ଆର ପାଟିଲ

ପ୍ରତିବର୍ଷ ମାର୍ଚ୍ଚ ୨୨ ତାରିଖକୁ ବିଶ୍ୱ ଜଳ ଦିବସ ଭାବେ ପାଳନ କରାଯାଏ । ଏହି ଅବସରରେ ମୁଁ ଦେଶର ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହି ଦିନ ଆମକୁ ସ୍ମରଣ କରାଏ ଯେ, ଜଳ କେବଳ ଏକ ଜରୁରୀ ସଂସାଧନ ନୁହେଁ, ବରଂ ଏହା ହେଉଛି ଜୀବନ ଧାରଣର ଆଧାରଶିଳା । ଜଳ ବିନା ଜୀବନର କଳ୍ପନା କରାଯାଇ ପାରିବ ନାହିଁ; ଏହା ପୃଥିବୀର ସମସ୍ତ ଜୀବଜଗତର ଅସ୍ତିତ୍ୱର ମୂଳ ଆଧାର । ଆଜିର ପରିପ୍ରେକ୍ଷିରେ, ଯେତେବେଳେ ବିଶ୍ୱ ଜଳ ସଂକଟ ଏକ ଗଭୀର ଆହ୍ୱାନ ରୂପେ ଉଭା ହୋଇଛି, ସେତେବେଳେ ଏହି ଦିନର ଗୁରୁତ୍ୱ ଆହୁରି ବଢ଼ି ଯାଇଛି । ଜଳ କେବଳ ଏକ ପ୍ରାକୃତିକ ସମ୍ପଦ ନୁହେଁ ଏହା ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା, ପରିବେଶ ସମତୋଳନ ଏବଂ ଆର୍ଥିକ ଉନ୍ନତିର ମୂଳ ଭିତି । ଏହି ପରିସ୍ଥିତିରେ ଜଳର ସୁବ୍ୟବସ୍ଥିତ ବ୍ୟବହାର, ସଂରକ୍ଷଣ ଓ ପୁନର୍ଜୀବନ କରିବା ଆମ ସମସ୍ତଙ୍କର ସାମୁହିକ ଦାୟିତ୍ୱ । ଆସନ୍ତୁ, ଆମେ ସମସ୍ତେ ଏହି ଦିନରେ ସଂକଳ୍ପ କରିବା ଯେ ପ୍ରତ୍ୟେକ ବିନ୍ଦୁ ଜଳକୁ ସଂରକ୍ଷଣ କରିବା, ପାଣିର ଅପଚୟ ରୋକିବା ଏବଂ ଆଗାମୀ ପିଢ଼ି ପାଇଁ ଏହି ଅମୂଲ୍ୟ ସମ୍ପଦକୁ ସୁରକ୍ଷିତ ରଖିବା । ଜଳ, ଆମ ଜୀବନ, ପାରିସ୍ଥିତିକି ତନ୍ତ୍ର ଏବଂ ଅର୍ଥ ବ୍ୟବସ୍ଥାର ଆଧାରଶିଳା ଭାବେ ସୁପରିଚିତ । ବିଶ୍ୱର ହାରାହାରି ୧୮ ପ୍ରତିଶତ ଜନ ସଂଖ୍ୟା ଏବଂ ପ୍ରାଣୀଧନ ଭାରତରେ ହିଁ ବସବାସ କରନ୍ତି । ଯଦ୍ୟପି ଆମ ନିକଟରେ ବିଶ୍ୱର ମଧୁର ଜଳ ସଂସାଧନର ମାତ୍ରା ମାତ୍ର ୪ ପ୍ରତିଶତ ଉପଲବ୍ଧ ରହିଛି । ଦ୍ରୁତ ସହରୀକରଣ, କ୍ରମବର୍ଦ୍ଧିଷ୍ଣୁ ଚାହିଦା ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ମଧ୍ୟରେ ଜଳର ପ୍ରଭାବୀ ପ୍ରବନ୍ଧନ ଆଜି ଏକ ରାଷ୍ଟ୍ରୀୟ ପ୍ରାଥମିକତାରେ ପରିଣତ ହୋଇଛି । ଏଭଳି ଆହ୍ୱାନକୁ ସ୍ମରଣ ରଖିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଜଳ ପ୍ରବନ୍ଧନ ନିମନ୍ତେ ଏକ ସାମଗ୍ରିକ ଦୃଷ୍ଟି କୋଣକୁ ଆପଣାଇଛି । କେନ୍ଦ୍ର ସରକାରରେ ଜଳଶକ୍ତି ମନ୍ତ୍ରଣାଳୟର ସ୍ଥାପନା ସହ ଜଳ ସହିତ ଜଡ଼ିତ ବିଭିନ୍ନ ବିଭାଗକୁ ଏକୀକୃତ କରାଯାଇଛି । ଏଥିରେ ବିଭିନ୍ନ ପ୍ରକାର ଯୋଜନାର ଉତମ ଏବଂ ସମନ୍ୱିତ କ୍ରିୟାନ୍ୱୟନ କରାଯିବାର ମାର୍ଗକୁ ଅଧିକ ପ୍ରଶସ୍ତ କରାଯାଇଛି । ଏଥିରୁ ଇପସିତ ସୁଫଳ ମିଳିବା ଆରମ୍ଭ କରିଛି । ଏହି ଦୃଷ୍ଟିକୋଣ ଜଳର ସମଗ୍ର ଚକ୍ରକୁ ନିଜ ସହିତ ନେଇ ଆଗକୁ ଅଗ୍ରସର ହେଉଛି । ଗୋଟିଏ ପଟେ ଜଳର ସଂରକ୍ଷଣ ଏବଂ ଭୂତଳ ଜଳର ପୁନର୍ଜାଗରଣ ଉପରେ ଯେତେବେଳେ ଜୋର ଦିଆଯାଉଛି, ଅନ୍ୟପଟେ ନଦୀବନ୍ଧ ଏବଂ ଜଳାଶ୍ରୟମାନଙ୍କ ମାଧ୍ୟମରେ ଜଳ ଭଣ୍ଡାରଣ କ୍ଷମତାକୁ ଅଧିକ ମଜବୁତ କରିବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ନଦୀ ସଂଯୋଗୀକରଣ ପରିଯୋଜନା ଗୁଡ଼ିକ ସନ୍ତୁଳିତ ଜଳ ବିତରଣ ଦିଗରେ ପ୍ରଭାବୀ ପ୍ରୟାସ ଏବଂ ସୁଫଳ ପ୍ରଦାନକାରୀ ସାବ୍ୟସ୍ତ ହେବାରେ ଲାଗିଛି । ଜଳ ଜୀବନ ମିଶନ ଏବଂ କମାଣ୍ଡ ଏରିଆର ବିକାଶର ଆଧୁନିକୀ କରଣ ଫଳରେ ଜଳର ଉପଲବ୍ଧତା ବୃଦ୍ଧି କରାଯିବା ଉପରେ ଧ୍ୟାନ କେନ୍ଦ୍ରିତ ରହିଛି । ସେହିଭଳି ନମାମି ଗଙ୍ଗେ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଜଳର ଗୁଣବତାକୁ ସୁଧାରିବା କାର୍ଯ୍ୟ ମଧ୍ୟ ଆଗକୁ ବୃଦ୍ଧି ପାଇ ଚାଲିଛି । ଏହା ସହିତ ଅନୁସନ୍ଧାନ, ନବାଚାର ଏବଂ ଜଳ ସଂରକ୍ଷଣ ପ୍ରତି ଜନସଚେତନତା ବୃଦ୍ଧି ମାଧ୍ୟମରେ ଭବିଷ୍ୟତର ଚାଲେଞ୍ଜଗୁଡ଼ିକର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବା ଉପରେ ମଧ୍ୟ ଅଧିକ ଜୋର ଦିଆଯାଉଛି ।

ଏହି ସମଗ୍ର ପ୍ରୟାସ ପଛରେ ଥିବା ମୂଳ ଭାବନାଟି ହେଉଛି ଜନ ଭାଗିଦାରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସର୍ବଦା ଜଳ ସଂଚୟକୁ ଜନ ଆନ୍ଦୋଳନରେ ପରିଣତ କରିବା ଲାଗି ଆହ୍ୱାନ ଜଣାଇ ଆସୁଛନ୍ତି । ସରକାର ଏଥି ନିମନ୍ତେ ଦିଶା ଏବଂ ସଂସାଧନ ଉପଲବ୍ଧ କରାଇ ଚାଲିଛନ୍ତି । କିନ୍ତୁ ସ୍ଥାୟୀ ପରିବର୍ତ୍ତନ ସେତିକିବେଳେ ସମ୍ଭବପର ହେବ, ଯେତେବେଳେ ସ୍ୱୟଂ ସମାଜ ସାମଗ୍ରିକ ଭାବେ ଏଥିରେ ଏକ ଦାୟିତ୍ୱପୂର୍ଣ୍ଣ ଭାଗିଦାରୀ ଗ୍ରହଣ କରିବ । ଜଳ ଜୀବନ ମିଶନ ଏହିଭଳି ଚିନ୍ତାଧାରାର ଏକ ମହତ୍ୱପୂର୍ଣ୍ଣ ଉଦାହରଣ ଅଟେ । ଏହା ବିଶ୍ୱର ସବୁଠାରୁ ବଡ଼ ଗ୍ରାମୀଣ ପାନୀୟଜଳ କାର୍ଯ୍ୟକ୍ରମ । ଏହାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଗ୍ରାମାଂଚଳ ପରିବାର ପର୍ଯ୍ୟନ୍ତ ସୁରକ୍ଷିତ ଏବଂ ପର୍ଯ୍ୟାପ୍ତ ପାନୀୟଜଳ ପାଇପ୍ ଯୋଗେ ପହଂଚାଇବା । ଆଜିସୁଦ୍ଧା ଦେଶର ୧୫.୮ କୋଟିରୁ ଅଧିକ ଗ୍ରାମୀଣ ପରିବାରଙ୍କୁ ନଳଯୋଗେ ପାନୀୟଜଳର ସୁବିଧା ପହଂଚା ଯାଇସାରିଛି । ଏହା ଫଳରେ ସୁରକ୍ଷିତ ଜଳ ଲୋକମାନଙ୍କ ପାଖରେ ପହଂଚାଯିବା ଦିଗରେ ଉଲ୍ଲେଖନୀୟ ସୁଧାର ହାସଲ ହୋଇ ପାରିଛି । ଏହି ମିଶନର ଏକ ବିରାଟ ପ୍ରଭାବ ମହିଳା ମାନଙ୍କ ଜୀବନରେ ପଡ଼ିଥିବା ପରିଲକ୍ଷିତ ହୋଇଛି । ପାଣି ପାଇଁ ସେମାନେ କରୁଥିବା ପରିଶ୍ରମ ହ୍ରାସ ପାଇଛି । ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷିତ ରହିଛି ଏବଂ ଶିକ୍ଷା ତଥା ଆଜୀବିକାରେ ମଧ୍ୟ ସେମାନେ ଅଧିକ ମାତ୍ରାରେ ଅଂଶୀଦାର ହୋଇପାରିଛନ୍ତି । ଗ୍ରାମ ପଂଚାୟତ ଏବଂ ସ୍ଥାନୀୟ ଜଳ ଓ ସ୍ୱଚ୍ଛତା ସମିତିଗୁଡ଼ିକର ଭୂମିକା ଫଳରେ ଜନସମୁଦାୟଙ୍କ ଭୂମିକା ଏବଂ ସେମାନଙ୍କ ସହଯୋଗ ଅଧିକ ମଜବୁତ ହୋଇଛି । ସେହିଭଳି ଫିଲ୍ଡ ଟେଷ୍ଟ କିଟ୍ ମାଧ୍ୟମରେ ଜଳର ଗୁଣାତ୍ମକ ମାନ ପରୀକ୍ଷଣ ଉପରେ ତୀକ୍ଷଣ ନଜର ରଖାଯିବା ଦ୍ୱାରା ମହିଳାମାନଙ୍କ ଭାଗିଦାରୀରୁ ସ୍ଥାନୀୟ ସ୍ୱାମୀତ୍ୱକୁ ଅଧିକ ମଜବୁତ କରାଯାଇଛି । ନମାମି ଗଙ୍ଗେ କାର୍ଯ୍ୟକ୍ରମ ମାଧ୍ୟମରେ ଗଙ୍ଗା ଏବଂ ଏହାର ଅନ୍ୟ ଉପନଦୀଗୁଡ଼ିକର ଜଳ ଗୁଣବତାକୁ ସୁଧାରିବା ଏବଂ ପାରିସ୍ଥିତିକ ତନ୍ତ୍ରକୁ ପୁନଃଜୀବନ ପ୍ରଦାନ ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରାଯାଇଛି । ସ୍ୱଚ୍ଛ ଏବଂ ନିରନ୍ତର ଭାବେ ପ୍ରବାହିତ ଗଙ୍ଗାନଦୀ ସହିତ 'ଅର୍ଥ ଗଙ୍ଗା' ଏବଂ 'ଜନ ଗଙ୍ଗା' ଭଳି କାର୍ଯ୍ୟକ୍ରମ ନଦୀ ସଂରକ୍ଷଣକୁ ଲୋକମାନଙ୍କ ଜୀବନ ଏବଂ ଆଜୀବିକା ସହିତ ସଂଯୋଗ କରାଯାଇଛି । 'କ୍ୟାଚ୍ ଦ ରେନ୍' ଅଭିଯାନ ଏବଂ 'ଜଳ ସଂଚୟ ଜନ ଭାଗିଦାରୀ' ଭଳି ଉପକ୍ରମ ମାଧ୍ୟମରେ ଜଳ ସଂରକ୍ଷଣକୁ ଜନ ଆନ୍ଦୋଳନର ସ୍ୱରୂପ ପ୍ରଦାନ କରାଯାଇଛି । ବର୍ଷାଜଳ ସଂଚୟ, ପାରମ୍ପରିକ ଜଳ ସ୍ରୋତଗୁଡ଼ିକୁ ପୁନର୍ଜୀବିତ କରିବା ବୋର୍ ୱେଲକୁ ରିଚାର୍ଜ କରିବା ଏବଂ ଚେକ୍‌ଡ୍ୟାମ ନିର୍ମାଣ ଭଳି କାର୍ଯ୍ୟ ମାଧ୍ୟମରେ ଲୋକମାନଙ୍କ ସକ୍ରିୟ ଭାଗିଦାରୀ ଓ ସହଯୋଗ ଦେଖିବାକୁ ମିଳୁଛି । ୨୦୨୪ ମସିହା ସେପଟ୍ଟେମ୍ବର ମାସଠାରୁ ବର୍ତ୍ତମାନ ସୁଦ୍ଧା ସାରା ଦେଶରେ ୪୫ ଲକ୍ଷରୁ ଅଧିକ ବର୍ଷାଜଳ ସଂଚୟନ ଢାଂଚାର ନିର୍ମାଣ ଏହି ସାମୂହିକ ପ୍ରୟାସର ପରିଣାମ ବୋଲି ବିବେଚନା କରାଯାଇ ପାରେ । ଏହା ସୂଚୀତ କରେ ଯେ ଯେତେବେଳେ ସରକାର ଏବଂ ସମାଜ ପାଦକୁ ପାଦ ମିଳାଇ ଏକତ୍ର କାର୍ଯ୍ୟ କରିବା ଆରମ୍ଭ କରନ୍ତି, ସେତେବେଳେ ପରିବର୍ତ୍ତନ ବ୍ୟାପକ ଏବଂ ସ୍ଥାୟୀ ହୋଇଥାଏ । ଦେଶର ବିଭିନ୍ନ ଭାଗରେ ଏଭଳି ଅନେକ ପ୍ରେରକ ଉଦାହରଣ ଆମ ନଜରକୁ ଆସିଛି । ଗୁଜରାଟର ବନସକଣ୍ଠା ଠାରେ ଡାଏରୀ ସହକାରୀ ସମିତି ଏବଂ କୃଷକମାନେ ଏକତ୍ର ମିଳିତ ହୋଇ କାର୍ଯ୍ୟ କରିବା ସହିତ ରିଚାର୍ଜ କିଟ୍‌ମାନ ନିର୍ମାଣ କରୁଛନ୍ତି । ଛତିଶଗଡ଼ର କୋରେୟାରେ କୃଷକମାନେ ନିଜ ଜମିର ଗୋଟିଏ ଅଂଶ ଭୂତଳ ଜଳ ପୁନର୍ଭରଣ ନିମନ୍ତେ ସମର୍ପିତ କରିଛନ୍ତି । ସହରାଂଚଳ କ୍ଷେତ୍ରରେ ମଧ୍ୟ ନିଜ ଘର ପରିସରରେ ବର୍ଷାଜଳ ସଂଚୟ ଏବଂ ଏହାର ପୁନଃ ଉପଯୋଗକୁ ଲୋକମାନେ ଗ୍ରହଣ କରିବା ଆରମ୍ଭ କରିଛନ୍ତି । ଉଦ୍ୟୋଗ ଜଗତ ମଧ୍ୟ ଏ ଦିଗରେ ଆଗକୁ ବୃଦ୍ଧି ପାଇ ଚାଲିଛି । ଜଳ ଅଡିଟ୍, ପୁନଃଚକ୍ରଣ ଏବଂ ପୁନଃ ଉପଯୋଗ ଜିରୋ ଲିକ୍ୟୁଡି ଡିସଚାର୍ଜ ଏବଂ ବର୍ଷାଜଳ ସଂରକ୍ଷଣ ଭଳି ପଦ୍ଧତିକୁ ଆପଣାଇ ଔଦ୍ୟୋଗିକ ସଂସ୍ଥାମାନେ ଦାୟିତ୍ୱ ସମ୍ପନ୍ନ ଭାବେ ଜଳ ପ୍ରବନ୍ଧନ ଦିଗରେ ନିଜ ନିଜ ଯୋଗଦାନ ଦେଇ ଚାଲିଛନ୍ତି । କୃଷି କ୍ଷେତ୍ରରେ ମଧ୍ୟ ଜଳର ସନ୍ତୁଳିତ ଏବଂ ବିବେକପୂର୍ଣ୍ଣ ଉପଯୋଗ ଦିଗରେ ଉଲ୍ଲେଖନୀୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି । ସୂକ୍ଷ୍ମ ଜଳସେଚନ, କୃଷି ସ୍ତରରେ ଉନ୍ନତ ଜଳ ପରିଚାଳନା ଏବଂ ଉପଲବ୍ଧ ସଂସାଧନଗୁଡ଼ିକର ପ୍ରଭାବୀ ଉପଯୋଗ ଭଳି ପଦକ୍ଷେପ କେବଳ କୃଷକମାନଙ୍କ ଉପାର୍ଜନକୁ ସୁଦୃଢ଼ କରିନାହିଁ, ଅପରପକ୍ଷେ ଦୀର୍ଘକାଳୀନ ସ୍ଥିରତାକୁ ମଧ୍ୟ ଆଗକୁ ବଢାଇ ଚାଲିଛି । ଜଳ ସଂରକ୍ଷଣକୁ ଜୀବନ ଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିବା ହେଉଛି ଆଜିର ସମୟର ଆହ୍ୱାନ । ବର୍ଷା ଜଳ ସଂଚୟ, ବ୍ୟବହୃତ ଜଳକୁ ପୁନଃବ୍ୟବହାର ଓ ଉପଯୋଗକ୍ଷମ କରିବା ଏବଂ ପାଣିକୁ ନଷ୍ଟ ହେବାକୁ ନ ଦେବା ଭଳି ପଦକ୍ଷେପ ହେଉଛି ଏହାର ଉଦ୍ଦେଶ୍ୟ । ଏଭଳି ପଦ୍ଧତି ଆପଣାଇ ଆମେ ନିଜ ନିଜ ସହରକୁ ଅଧିକ ଜଳ ସୁରକ୍ଷିତ ଭାବେ ଗଠନ କରିପାରିବା । ଜଳ ସୁରକ୍ଷା ଦିଗରେ ଭାରତର ଯାତ୍ରା ଏକ ସାମୂହିକ ଜାତୀୟ ପ୍ରୟାସ । ଏହା କେବଳ ନୀତି ଏବଂ ଭିତିଭୂମି ମାଧ୍ୟମରେ ନୁହେଁ, ବରଂ ଆମର ଆଚରଣ ଏବଂ ମାନସିକତାରେ ପରିବର୍ତ୍ତନ ମାଧ୍ୟମରେ ସମ୍ଭବପର ହୋଇପାରିବ । ଆସନ୍ତୁ, ଏବର୍ଷ ବିଶ୍ୱ ଜଳ ଦିବସରେ ଆମେ ଜଳ ସଂରକ୍ଷଣକୁ କେବଳ ଏକ ଅଭିଯାନ ଭାବେ ନୁହେଁ, ବରଂ ଦୈନନ୍ଦିନ ଜୀବନର ଅଂଶ ଭାବେ ଗ୍ରହଣ କରିବାର ସଂକଳ୍ପ ନେବା । ନିଜର ଛୋଟ ଛୋଟ ପ୍ରୟାସ ମଧ୍ୟ ବୃହତ ପରିବର୍ତ୍ତନ ଆଣିପାରେ । ଯଦି ପ୍ରତ୍ୟେକ ନାଗରିକ ପ୍ରତିଦିନ କେବଳ ଏକ ଲିଟର ଜଳ ସଂଚୟ କିମ୍ବା ପୁନଃବ୍ୟବହାର କରିପାରନ୍ତି, ତେବେ ଆମେ ଏକ ରାଷ୍ଟ୍ର ଭାବେ ପ୍ରତିଦିନ ୧୪୦ କୋଟି ଲିଟରରୁ ଅଧିକ ଜଳ ସଂଚୟ କରିପାରିବା ଯାହା ଏକ ବିଶାଳ ସମ୍ଭାବନାର ସୂଚନା । ଏହି ପରିପ୍ରେକ୍ଷିରେ ଜଳ ସଂରକ୍ଷଣକୁ ଏକ ସାମୟିକ ପ୍ରୟାସ ରୂପେ ନୁହେଁ, ବରଂ ଆମର ସ୍ୱଭାବ ଓ ସଂସ୍କୃତିର ଅଂଶରେ ପରିଣତ କରିବା ଆବଶ୍ୟକ । ସଚେତନ ବ୍ୟବହାର, ପୁନଃବ୍ୟବହାର ଓ ସମ୍ବଳର ସୁରକ୍ଷା ମାଧ୍ୟମରେ ଆମେ ଜଳ ସଂକଟକୁ ହ୍ରାସ କରିପାରିବା । ଏହି ସାମୂହିକ ଚେଷ୍ଟା ଦ୍ୱାରା ଜଳ ସୁରକ୍ଷିତ, ସୁସ୍ଥ ଏବଂ ବିକଶିତ ଭାରତର ଲକ୍ଷ୍ୟ ସାକାର ହେବ ।

***(ଲେଖକ- କେନ୍ଦ୍ର ସରକାରରେ ଜଳଶକ୍ତି ମନ୍ତ୍ରୀ ଭାବରେ ଅବସ୍ଥାପିତ)***

# ଧାନମଣ୍ଡିରେ ଧାନ ନ ନେବାରୁ ରାସ୍ତାରୋକ, ପ୍ରତିଶ୍ରୁତି ପରେ ରାସ୍ତା ରୋକ ପ୍ରତ୍ୟାହୃତ



ନୀଳଗିରି(ନିପ୍ର): ନୀଳଗିରି ବ୍ଲକ ନରସିଂହପୁର ପଂଚାୟତ ଅଧିନସ୍ଥ ଅମ୍ବିକାପୁର ଧାନ ମଣ୍ଡି ରେ ଧାନ ନ ନେବାରୁ ଆଜି ସକାଳ ୮ ଘଟିକା ରୁ ଦିନ ୧୨ ଘଟିକା ପର୍ଯ୍ୟନ୍ତ ରାସ୍ତାରୋକ ହୋଇଥିଲା । ପ୍ରଶାସନ ତରଫରୁ ଏଆରସିଏସ, ଏସିଏସଓ, ଏମଆଇ ଓ ନୀଳଗିରି ଆଇ.ଆଇ.ସି ଗୋବର୍ଦ୍ଧନ ନାୟକ ଉପସ୍ଥିତ ରହି ଚାଷୀଙ୍କ ସହିତ ଆଲୋଚନା କରିଥିଲେ । ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଟୋକନ ଧାରୀ ଙ୍କ ଠାରୁ ଧାନ କିଣିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମ କ୍ରମ ରେ ବିଶିଷ୍ଟ ଶ୍ରମିକ ନେତା ବିଜୟ କୁମାର ପାତ୍ର, କୃଷକ ନେତା ଉଗ୍ରସେନ ଦାସ, କୈଳାଶ ବାରିକ, ଭାଗବାନ ମହାନ୍ତି, ସରୋଜ କୁମାର ବେହେରା, ଚନ୍ଦନ ପୃଷ୍ଟି, ସନାତନ ବିଶ୍ୱାଳ, ଦାମୋଦର ପଣ୍ଡା ସନାତନ ଜେନା, ଗୋବର୍ଦ୍ଧନ ଗିରିଧାରୀ ମହାପାତ୍ର, ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସଫଳ କରାଇବାରେ ସହଯୋଗ କରିଥିଲେ । ଟୋକନ ଧାରୀ ଚାଷୀ ମାନେ ଦୀର୍ଘ ପାଂଚ ଦିନ ଧରି ମଣ୍ଡି ରେ ଧାନ ପକାଇ ଛନ୍ତି । ଦୁଇ ଦିନ ହେଲା ଅଦିନିଆ ବର୍ଷା ଫଳରେ ମଣ୍ଡି ରେ ଧାନ ଗଜା ହେଲାଣି । ଯାହାକି ଚାଷୀ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ପକ୍ଷରେ ପ୍ରଶାସନ ର ପ୍ରତିଶୃତି ଅନୁଯାୟୀ କେତେ ଶୀଘ୍ର ଚାଷୀ ଙ୍କ ଠାରୁ ଧାନ କିଣା ଯାଉଛି ତାହା ଦେଖିବାକୁ ବାକି ରହିଲା ।

# ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର

ସୋର(ନିପ୍ର): ଅଜଣା ଗାଡି ଧକାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ସୁଚନା ଅନୁସାରେ ସୋର ଥାନା ତଳନଗର ଗ୍ରାମର ପ୍ରଶାନ୍ତ ଦାସ ନିଜ ସ୍କୁଟି ଯୋଗେ ସୋରରୁ ଘରକୁ ଫେରୁଥିଲେ । ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଏକ ଅଜଣାଗାଡି ତାଙ୍କୁ ଧାକା ଦେଇ ଫେରାର ହୋଇଯାଇଥିଲା । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଘଟଣା ସ୍ଥଳରୁ ପ୍ରଶାନ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ପଂଚାୟତ ଅଫିସ ପଛରେ ଅନ୍ଧାର: ସରକାରୀ ଆବାସ ସାତ ସପନ

ଧାମନଗର(ନିପ୍ର): ସରକାର ଗରିବ, ଭୂମିହୀନ ଓ ନିରାଶ୍ରୟ ଙ୍କ ପାଇଁ ଶହ ଶହ କୋଟି ଟଙ୍କାର ଆବାସ ଯୋଜନା କରୁଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଶୋହଡ଼ା ପଂଚାୟତ ରୁ ଆସିଛି ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ । ପଂଚାୟତ କାର୍ଯ୍ୟାଳୟର ଠିକ୍ ପଛ ପଟେ ଏକ ଅନାବାଦୀ ଜାଗାରେ ଦୀର୍ଘ ୫୯ ବର୍ଷ ହେବ ଏକ ନୁଆଁଣିଆ ଝାଟିମାଟି ଘରେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ଜେନା ସାହିର ବୃଦ୍ଧା ବିଧବା ହୁନି ଜେନା । ହୁନି ଙ୍କ ଜୀବନ କାହାଣୀ ଯେତିକି କଷ୍ଟ ଦାୟକ, ସେତିକି ସଂଘର୍ଷମୟ । ମାତ୍ର ୧୫ ବର୍ଷ ବୟସରେ ଭଣ୍ଡାରିପୋଖରୀ ଅଂଚଳରେ ତାଙ୍କର ବିବାହ ହୋଇଥିଲା । କିନ୍ତୁ ନିୟତିର କ୍ରୂର ପରିହାସ, ବିବାହର ମାତ୍ର ୬ ମାସ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା । ଶାଶୁଘର ଲୋକେ ଘରୁ ବାହାର କରିଦେବା ପରେ ବାପଘରକୁ ଆଶ୍ରୟ ପାଇଁ ଆସିଥିଲେ ମଧ୍ୟ ସେଠାରେ ବି ସମାନ ପରିସ୍ଥିତି ଉପୁଜିଥିଲା । ଶେଷରେ କୁଳକୁଟୁମ୍ବ ଓ ଗ୍ରାମବାସୀଙ୍କ ସହାୟତାରେ ଏହି ଅନାବାଦୀ ଜାଗାରେ ଏକ ଚାଳିଆ କରି ସେ ରହି ଆସୁଛନ୍ତି । ସରକାରଙ୍କ ଠୁ ମିଳୁଥିବା ୧ ହଜାର ଟଙ୍କା ଭତା ଓ ୫ କିଲୋ ଚାଉଳରେ କଷ୍ଟେମଷ୍ଟେ ପେଟ ପୋଷୁଛି । ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ପାଇଁ ବହୁତ ଆଶା, ହେଲେ ନିଜର ଜାଗାବାଡ଼ି ନାହିଁ ବୋଲି ସରକାର ଘର ଦେଉ ନାହାନ୍ତି, ଆଖିରେ ଲୁହ ଭରିକୋହଭରା କଣ୍ଠରେ ଏହା କହିଛନ୍ତି ହୁନି ଜେନା । ଆଶ୍ଚର୍ଯ୍ୟର କଥା, ଯେଉଁ ପଂଚାୟତ ଅଫିସରୁ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ ହୁଏ, ସେହି ଅଫିସ ପଛପଟେ ଜଣେ ଅସହାୟା ବୃଦ୍ଧା ଏତେ ବର୍ଷ ଧରି କିଭଳି ପ୍ରଶାସନ ନଜର ରୁ ଦୂରେଇ ରହିଲେ ଯଦି ସରକାରଙ୍କ ଭୂମିହୀନ ଯୋଜନାରେ ତାଙ୍କୁ ଡିହ ଖଣ୍ଡେ ମିଳି ପାରନ୍ତା, ତେବେ ହୁଏତ ସେ ଆବାସ ଯୋଜନାରେ ଘରଟିଏ ପାଇପାରନ୍ତେ । ଏ ସମ୍ପର୍କରେ ଧାମନଗର ବିଡିଓ ବନ ବିହାରି ଦିନ୍ଦା ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, 'ବର୍ତ୍ତମାନ ସୁଦ୍ଧା ଏପରି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମୋ ପାଖକୁ ଆସିନାହିଁ । ତଥାପି ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କାର୍ଯ୍ୟ ଚାଲିଛି, ତେଣୁ ସେଥିରେ ତାଙ୍କୁ ସାମିଲ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରାଯିବ । ଏବେ ଦେଖିବାକୁ ବାକି ରହିଲା । ଏହି ଅସହାୟା ବୃଦ୍ଧାଙ୍କ ଜୀବନର ସାୟାହ୍ନେ ରେ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ମିଳୁଛି ନା ନାହିଁ ।

# ରାଷ୍ଟ୍ରୀୟ ନବବର୍ଷ ଓ ବର୍ଷ ପ୍ରତିପଦା ଉତ୍ସବ ଉଦ୍‌ଯାପିତ




କରଞ୍ଜିଆ(ନିପ୍ର): କରଞ୍ଜିଆ ର ଅନ୍ୟତମ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାଣୀ ତୀର୍ଥ ଠାରେ ଦୁଇ ଦିନିଆ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଓ ରାଷ୍ଟ୍ରୀୟ ନବବର୍ଷ ମହାଆଡମ୍ବରରେ ଉଦଯାପିତ ହୋଇଯାଇଛି । କରଞ୍ଜିଆର ଶ୍ରୀ ରାମ ନବମୀ ସମିତି, ଶ୍ରୀସଙ୍କଳ୍ପ ସାମାଜିକ ଅନୁଷ୍ଠାନ ଓ କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଙ୍କ ସହଯୋଗ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତ୍ରିଲୋଚନ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ କାଦଡିହା ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡକ୍ଟର ଭାଗବତ ଲେଙ୍କା ଯୋଗ ଦେଇ ଆଧାତ୍ମିକ ଚିନ୍ତନ ବିନା ସୁସ୍ଥ ସମାଜ ଗଠନ ଅସମ୍ଭବ ବୋଲି ମତପୋଷଣ କରିଥିଲେ । ଦୁଇ ଦିନିଆ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ରେ ପ୍ରଚକ ପଦ୍ମ ଲୋଚନ ସାମଲ ଓ ଶାନ୍ତି ଲତା ଦିକ୍ଷୀତ ଯୋଗ ଦାନ କରି ସମାରୋହକୁ ଅଧିକ ଆଧାତ୍ମିକ ପ୍ରିୟ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ବ୍ରହ୍ମା କୁମାରୀ ମଞ୍ଜୁ , ଠାକୁର ଅନୁକୂଳ ଚନ୍ଦ୍ର ସଂସ୍ଥା ପକ୍ଷରୁ ଅଧ୍ୟାପକ ଲମ୍ବୋଦର ମହାନ୍ତ, ସତ୍ୟ ସାଇ ବାବା ସଂଗଠନ ପକ୍ଷରୁ ଅଧ୍ୟାପକ ଚିନ୍ତାମଣି ଶତପଥୀ, ଶିଶୁ ବିକାଶ ସମିତି ବିଦ୍ୟା ଭାରତୀ ତରଫରୁ ମୋହନ ରାଓ ପାତ୍ର, ଡାକ୍ତର ଜନାର୍ଦ୍ଦନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପରେ ପରେ କରଞ୍ଜିଆ ସଙ୍ଗୀତ ମହାବିଦ୍ୟାଳୟ, ନୃତ୍ୟ ଶ୍ରୀ ଅନୁଷ୍ଠାନ, ଚାରୁ ଏକାଡେମୀ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଚନ୍ଦନ କୁମାର ପାଣିଗ୍ରାହୀ , ସଞ୍ଜିବ କୁମାର ସାହୁ, ଅନୁ ଅଗ୍ରୱାଲ, ଈଶ୍ୱର ମହାନ୍ତ, ପ୍ରମୁଖ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୃତ୍ୟ ଅନୁଷ୍ଠାନକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷ ରେ କରଞ୍ଜିଆ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ସହିତ ଫିଟନେସ୍ ପାଳନ




ପୁରୀ(ନିପ୍ର): ଫିଟ୍ ଇଣ୍ଡିଆ କାର୍ନିଭାଲ୍ ଚଳିତ ମାସ ୨୧ ରୁ ୨୩ ପର୍ଯ୍ୟନ୍ତ ପୁରୀର ଗୋଲଡ୍ରେନ୍ ବିଚ୍‌ରେ ଅନୁଷ୍ଠିତ ହେବ । ଯାହା ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଆନ୍ଦୋଳନ ଅଧୀନରେ ଫିଟନେସ୍, ସଂସ୍କୃତି ଏବଂ ସାମ୍ପ୍ରଦାୟିକ ସମ୍ପର୍କକୁ ଏକତ୍ର କରିବ । ଏହି ତିନି ଦିନିଆ କାର୍ନିଭାଲ୍ ଭାରତୀୟ କ୍ରୀଡ଼ା ପ୍ରାଧିକରଣ, ଆଂଚଳିକ କେନ୍ଦ୍ର କୋଲକାତା ଦ୍ୱାରା ଓଡ଼ିଶା ରାଜ୍ୟ କ୍ରୀଡ଼ା ବିଭାଗ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ଆୟୋଜିତ ହେଉଛି । କାରନିଭାଲ୍ ପୁରୀ ସଂସ୍କରଣ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ଆଧୁନିକ ଫିଟନେସ୍ ଅଭ୍ୟାସ ସହିତ ମିଶ୍ରଣ କରିବା ପାଇଁ ଚିନ୍ତାଶୀଳ ଭାବରେ ଡିଜାଇନ୍ କରାଯାଇଛି, ଯାହା ପରମ୍ପରାକୁ ସମସାମୟିକ ସୁସ୍ଥତା ସହିତ ସଂଯୋଗ କରୁଥିବା ଏକ ଅନନ୍ୟ ଅଭିଜ୍ଞତା ସୃଷ୍ଟି କରିବ ବୋଲି କହିଛନ୍ତି ଭାରତୀୟ କ୍ରୀଡା ପ୍ରାଧିକରଣର ଆଂଚଳିକ ନିର୍ଦ୍ଦେଶକ ଶିବାନନ୍ଦ ମିଶ୍ର । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ମାନ ଙ୍କୁ ସୂଚନା ଦେଇ ଶ୍ରୀ ମିଶ୍ର ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣକାରୀ ମାନେ ଯୋଗ ସେସନ୍, ଜୁମ୍ବା ଏବଂ ଇଂଟରାକ୍ଟିଭ୍ ଫିଟନେସ୍ ଚ୍ୟାଲେଞ୍ଜ ସମେତ ସମସ୍ତ ବୟସ ଗୋଷ୍ଠୀ ପାଇଁ ଡିଜାଇନ୍ କରାଯାଇଥିବା ମଜାଦାର କାର୍ଯ୍ୟକଳାପ ଜୋନ୍ ସହିତ ଯୋଡା ଯାଇଛି ବୋଲି କହିଥିଲେ । ଏହି କାର୍ନିଭାଲରେ ପାରମ୍ପରିକ ଖେଳ ଏବଂ ସ୍ୱଦେଶୀ କ୍ରୀଡା ସହିତ ବେଳାଭୂମି- ଭିତିକ କ୍ରୀଡା କାର୍ଯ୍ୟକଳାପ ଯେପରିକି ବେଳାଭୂମି କ୍ରିକେଟ୍, ଭଲିବଲ୍, କୁସ୍ତି ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହେବ ଯାହା ଶାରୀରିକ କାର୍ଯ୍ୟକଳାପକୁ ଉତ୍ସାହିତ କରିବା ସହିତ ସ୍ଥାନୀୟ ଐତିହ୍ୟକୁ ପାଳନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ । ଅଭିଜ୍ଞତାକୁ ଆହୁରି ଯୋଡିବା ସହିତ, ଏହି କାର୍ଯ୍ୟକ୍ରମରେ ଗୋଟିପୁଅ ନୃତ୍ୟ, ପାଇକ ଆଖଡା ପ୍ରଦର୍ଶନ, ସମ୍ବଲପୁରୀ ନୃତ୍ୟ ଏବଂ ଅନ୍ୟାନ୍ୟ ପାରମ୍ପରିକ କଳା ପ୍ରକାରର ସାଂସ୍କୃତିକ ପ୍ରଦର୍ଶନ ପ୍ରଦର୍ଶନ କରାଯିବ, ଯାହା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ସ୍ପନ୍ଦନଶୀଳ ଏବଂ ନିମଜ୍ଜିତ ପରିବେଶ ସୃଷ୍ଟି କରିବ । ପ୍ରତ୍ୟେକ ଦିନ ସକାଳ ୬ ଟାରୁ ଦିବା ୯ ଓ ଅପରାହ୍ନ ୪.୩୦ ରୁ ରାତ୍ରି ୮.୩୦ ମିନିଟ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଫିଟ୍ ଇଣ୍ଡିଆ କାର୍ନିଭାଲରେ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଏବଂ କ୍ରୀଡାବିତ୍‌ଙ୍କ ଉପସ୍ଥିତି ରହିବାର କାର୍ଯ୍ୟକ୍ରମ ରହିଛି । ଯେଉଁଥିରେ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡା ଏବଂ ଯୁବ ସେବା, ଉଚ୍ଚଶିକ୍ଷା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ, ଡା ସମ୍ବିତ ପାତ୍ର ସାଂସଦ, ପୁରୀ ଏବଂ ଓମ୍ ପ୍ରକାଶ ମିଶ୍ର, ବିଧାୟକ, ସତ୍ୟବାଦୀ ଅନ୍ତର୍ଭୁକ୍ତ ହେବେ । ଏହି କାର୍ଯ୍ୟକ୍ରମରେ ମାରାଥନର୍ ତଥା ଦୁଇଥର ମାନ୍ୟୁଆଲ୍ ଟ୍ରେଡମିଲ୍ ଧାରୀ ସୁମିତ କୁମାର ସିଂହ, ଅର୍ଜୁନ ପୁରସ୍କାର ବିଜେତା କେ. ରବି କୁମାର (ଭାରୋତୋଳନ), ଅଲିମ୍ପିଆନ୍ ଆଥଲେଟ୍ ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦ ଙ୍କ ଭଳି ପ୍ରସିଦ୍ଧ କ୍ରୀଡାବିତ୍ ମଧ୍ୟ ଯୋଗଦେବେ ବୋଲି ସେ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଏଥିରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସାଇର ସହକାରୀ ନିର୍ଦ୍ଦେଶକ କରଣ ସଦଓ୍ୱାନୀ, ଉପ ନିର୍ଦ୍ଦେଶକ ତ୍ରୈଲୋକ୍ୟ ନାଥ ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଦୁଇଦିନିଆ ମହାରାଷ୍ଟ୍ର ଗସ୍ତରେ ଯିବେ ଉପରାଷ୍ଟ୍ରପତି



ନୂଆଦିଲ୍ଲୀ : ଉପରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ ୨୧ ଓ ୨୨ ମାର୍ଚ୍ଚରେ ମହାରାଷ୍ଟ୍ରର ଦୁଇ ଦିନିଆ ଗସ୍ତରେ ରହିବେ । ପଦଭାର ଗ୍ରହଣ କରିବା ପରେ ଏହା ତାଙ୍କର ରାଜ୍ୟକୁ ପ୍ରଥମ ଗସ୍ତ ହେବ । ଉପରାଷ୍ଟ୍ରପତି ସଚିବାଳୟ ଶୁକ୍ରବାର ଜଣାଇଛି ଯେ, ଉପରାଷ୍ଟ୍ରପତି ୨୧ ମାର୍ଚ୍ଚରେ ନାଗପୁରର ମହର୍ଷି ବ୍ୟାସ ସଭାଗୃହରେ 'ଭାରତୀୟ ଯୁବ ସଂସଦ'ର ୨୯ତମ ଜାତୀୟ ଅଧିବେଶନର ଉଦ୍ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହା ପରେ ସେ ମୁମ୍ବାଇ ଯିବେ, ଯେଉଁଠାରେ ରତନ ଟାଟା ମହାରାଷ୍ଟ୍ର ରାଜ୍ୟ କୌଶଳ ବିଶ୍ୱବିଦ୍ୟାଳୟର ପ୍ରଥମ ଦୀକ୍ଷାନ୍ତ ସମାରୋହ ଓ ମୁମ୍ବାଇର ଲୋକ ଭବନରେ ୬୪ତମ ଜୈନ ଦୀକ୍ଷା ସମାରୋହରେ ଯୋଗ ଦେବେ ।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଅଭିଭାବକଙ୍କୁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆସନ୍ତା ଏପ୍ରିଲ ୨ ତାରିଖରେ ଆୟୋଜିତ ହେବାକୁ ଥିବା 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଅଭିଭାବକଙ୍କୁ ଆହ୍ୱାନ ଦେଇଛନ୍ତି । ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନର ଅଭିଯାନରେ ଗୁଣାତ୍ମକ ଶିକ୍ଷା ହେଉଛି ଆମର ସବୁଠାରୁ ବଡ଼ ସମ୍ବଳ । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ନୂତନ ଶିକ୍ଷା ନୀତିର ସଫଳ ରୂପାୟନ କରିବାରେ ଓଡ଼ିଶା ଆଜି ଦେଶର ଅଗ୍ରଣୀ ରାଜ୍ୟ ସାଜିଛି । ଆମ ସରକାରଙ୍କ ଦ୍ୱାରା ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଆରମ୍ଭ କରାଯାଇଥିବା 'ଶିଶୁ ବାଟିକା' କେବଳ ଏକ ଶିକ୍ଷା କେନ୍ଦ୍ର ନୁହେଁ, ବରଂ ଆମ ପିଲାମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତର ଏକ ମୂଳଦୁଆ । ଆସନ୍ତା ଏପ୍ରିଲ ୨ ତାରିଖରେ ଆୟୋଜିତ ହେବାକୁ ଥିବା 'ପ୍ରବେଶ ଉତ୍ସବ' ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମୁଁ ସମସ୍ତ ଅଭିଭାବକଙ୍କୁ ଆହ୍ୱାନ କରୁଛି । 'ଆସ ସ୍କୁଲ ଯିବା ଅଭିଯାନ' ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ । ମନେରଖନ୍ତୁ, ଯେବେ ଓଡ଼ିଶାର କୁନି କୁନି ପାଦ ଆଗକୁ ବଢ଼ିବ, ସେବେ ହିଁ ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସାକାର ହେବ । ଆସନ୍ତୁ, ଏକ ଶିକ୍ଷିତ, ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଢ଼ିବା ପାଇଁ ସଂକଳ୍ପବଦ୍ଧ ହେବା ।









# ମହାନଦୀ ରିଭର ଫ୍ରଂଟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଲୋକସେବା ଭବନ ଠାରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କଟକ ରିଭର ଫ୍ରଂଟ ଡେଭଲପମେଂଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସୂଚନାଯୋଗ୍ୟ ଯେ, ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଂଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ । ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଂଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଂଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ମଧ ଉପଯୋଗୀ କରାଯିବ । ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ଇଂଟରପ୍ରିଟେସନ ସେଂଟର, ଫୁଡ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ ୱାଟରବଡିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି । ଏସବୁ ନିର୍ମାଣ କାର୍ଯ୍ୟରେ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡଲାଇନ ପାଳନ କରାଯିବ । ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱ ଦେଇଥିଲେ । ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ସମସ୍ତ ପ୍ରାରମ୍ଭିକ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ପ୍ରଥମ ପର୍ଯ୍ୟାୟ କାମ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପ ଗୁଡ଼ିକର ମଧ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଏହି ପ୍ରକଳ୍ପ ଗୁଡିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକ ମାନଙ୍କ ପାଇଁ ମଧ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ନ୍ୟାସନାଲ ଲ ୟୁନିଭର୍ସିଟି ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମତ ଦେଇଥଲେ । ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜିବ ମିଶ୍ର, ନିର୍ଦ୍ଦେଶକ ପୌର ପ୍ରଶାସନ ଅରିନ୍ଦମ ଡାକୁଆ, କଟକ ମହାନଗର ନିଗମ ଆୟୁକ୍ତ କିରଣଦୀପ୍ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତ ବିଦ୍ୟୁତ୍ ସମ୍ମିଳନୀ ୨୦୨୬ ରେ ମନ୍ତ୍ରୀସ୍ତରୀୟ ବୈଠକର ଅଧ୍ୟକ୍ଷତା କଲେ ମନ୍ତ୍ରୀ ମନୋହର ଲାଲ



ନୂଆଦିଲ୍ଲୀ : କେନ୍ଦ୍ରୀୟ ଶକ୍ତି ମନ୍ତ୍ରୀ ଶ୍ରୀ ମନୋହର ଲାଲଙ୍କ ଅଧ୍ୟକ୍ଷତାରେ ଭାରତ ବିଦ୍ୟୁତ୍ ସମ୍ମିଳନୀ ୨୦୨୬ ର ଦ୍ୱିତୀୟ ଦିନରେ (୨୦.୩.୨୦୨୬) ଏକ ଜାତୀୟ ଶକ୍ତି ମନ୍ତ୍ରୀସ୍ତରୀୟ ବୈଠକ ଡକାଯାଇଥିଲା । ଏହି ବୈଠକ ଶକ୍ତି ଏବଂ ନୂତନ ଏବଂ ନବୀକରଣ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶ୍ରୀପଦ ନାୟକଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏବଂ ଚଣ୍ଡିଗଡ଼ ଏବଂ ପଞ୍ଜାବର ପ୍ରଶାସକ ଶ୍ରୀ ଗୁଲାବ ଚାନ୍ଦ କଟାରିଆ, ଶକ୍ତି ସଚିବ ଶ୍ରୀ ପଙ୍କଜ ଅଗ୍ରୱାଲ, ସଚିବ (ଗଘଜର), ସଚିବ ଶ୍ରୀ ସନ୍ତୋଷ କୁମାର ସାରଙ୍ଗୀ, ଏବଂ ଶକ୍ତି ମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ଶ୍ରୀ ମନୋହର ଲାଲ କହିଥିଲେ ଯେ ବିଇଏସ୍ ୨୦୨୬ ବିକାଶ ଭାରତ ୨୦୪୭ର ସ୍ୱପ୍ନ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଅର୍ଥନୈତିକ ଅଭିବୃଦ୍ଧି ଏବଂ ଭିତିଭୂମି ପାଇଁ ଶକ୍ତି ମୌଳିକ ବୋଲି ଗୁରୁତ୍ୱାରୋପ କରି, ସେ ଭାରତର ୫୨୦ ଗିଗାୱାଟରୁ ଅଧିକ ସ୍ଥାପିତ କ୍ଷମତା, ଡିସ୍କମ୍ କାର୍ଯ୍ୟଦକ୍ଷତାରେ ଉନ୍ନତି, ବୃହତ ପରିମାଣର ସ୍ମାର୍ଟ ମିଟର ନିୟୋଜନ ଏବଂ ବିଦ୍ୟୁତ୍ ଅଭାବ ହ୍ରାସର ସଫଳତା ଉପରେ ଆଲୋକପାତ କରିଥିଲେ । ସେ ସୁଲଭ ଏବଂ ଦକ୍ଷ ବିଦ୍ୟୁତ୍ ଉତ୍ପାଦନ, ପରିବହନ ଏବଂ ବ[ନ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସମନ୍ୱିତ ପ୍ରୟାସ ପାଇଁ ଆହ୍ୱାନ କରିଥିଲେ । ବିଶ୍ୱ ଅନିଶ୍ଚିତତା ମଧ୍ୟରେ ଶକ୍ତି ସୁରକ୍ଷାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି, ସେ ପ୍ରତି ମୁଣ୍ଡପିଛା ଶକ୍ତି ବ୍ୟବହାର ବୃଦ୍ଧି ଏବଂ ନବୀକରଣୀୟ ଶକ୍ତି ଆଡକୁ ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଏକ ସ୍ୱଚ୍ଛ ଶକ୍ତି ଉତ୍ସ ଭାବରେ ପରମାଣୁ ଶକ୍ତିର ସମ୍ଭାବନାକୁ ମଧ ଉଲ୍ଲେଖ କରିଥିଲେ ଏବଂ ଶାନ୍ତି ଆଇନକୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଥିଲେ । ଶ୍ରୀ ମନୋହର ଲାଲ ଆଇନଗତ ଏବଂ ପ୍ରଶାସନିକ ପଦକ୍ଷେପ ସମେତ ଆବଶ୍ୟକୀୟ ସଂସ୍କାର କାର୍ଯ୍ୟକାରୀ କରିବାରେ କେନ୍ଦ୍ର ପକ୍ଷରୁ ରାଜ୍ୟଗୁଡ଼ିକୁ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିବାର ଆଶ୍ୱାସନା ଦେଇଥିଲେ । ଶ୍ରୀ ଶ୍ରୀପଦ ନାୟକ ସ୍ମାର୍ଟ ମିଟରିଂକୁ ଏକ ପ୍ରମୁଖ ଉଦାହରଣ ଭାବରେ ଉଲ୍ଲେଖ କରି ବିଦ୍ୟୁତ୍ କ୍ଷେତ୍ରକୁ ପରିବର୍ତ୍ତନ କରିବାରେ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତାର ଭୂମିକା ଉପରେ ଆଲୋକପାତ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ ଭାରତର ସ୍ଥାପିତ କ୍ଷମତାର ଅଧା ହେଉଛି - ଅଣ-ଜୀବାଶ୍ମ ଇନ୍ଧନ ଉତ୍ସ ଏବଂ ନୂତନ ଡ୍ରାଫ୍ଟ ଜାତୀୟ ବିଦ୍ୟୁତ ନୀତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ୨୦୪୭ ମସିହାରେ ବୀକ୍ଷିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ ରଣନୀତିକୁ ରୂପରେଖା ପ୍ରଦାନ କରିଥାଏ । ବୈଠକରେ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏବଂ ବିଶେଷକରି ଜୀବାଶ୍ମ ଶକ୍ତି ଉତ୍ସ ମାଧ୍ୟମରେ ବିଦ୍ୟୁତ ଉତ୍ପାଦନ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଦ୍ୟୁତ ଏବଂ ଗଘଜର ସଚିବମାନେ ଦେଶର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବା ପାଇଁ ସାମୂହିକ ଏବଂ ସମନ୍ୱିତ କାର୍ଯ୍ୟର ଆବଶ୍ୟକତା ଉପରେ ମଧ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକ ସମୟରେ ବିଦ୍ୟୁତ ମନ୍ତ୍ରଣାଳୟ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଦୁଇଟି ରିପୋର୍ଟ ପ୍ରକାଶିତ ହୋଇଥିଲା - ଉଓଝଉଙଗଝ (ଉଝଜଉ) ର ଉପଭୋକ୍ତା ସେବା ମୂଲ୍ୟାଙ୍କନ ଏବଂ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ[ନ ଉପଯୋଗୀତା ରାଙ୍କିଂ (ଉଟଜ) ରିପୋର୍ଟ । ଉଝଜଉ ଗ୍ରାହକ ସେବାରେ ଉଓଝଉଙଗ ଗୁଡ଼ିକର କାର୍ଯ୍ୟଦକ୍ଷତାକୁ ମୂଳ ମାନଦଣ୍ଡ ଏବଂ ଆଶା ନିର୍ଦ୍ଧାରଣ କରି ମୂଲ୍ୟାଙ୍କନ କରେ, ଯେଉଁଥିରେ ତ୍ୱରିତ ଏବଂ ସଠିକ୍ ମିଟରିଂ ଏବଂ ବିଲିଂ, ସମୟୋପଯୋଗୀ ଏବଂ ପ୍ରଭାବଶାଳୀ ଅଭିଯୋଗ ସମାଧାନ ଏବଂ ନିରପେକ୍ଷ, ସ୍ୱଚ୍ଛ ଶୁଳ୍କ-ନିର୍ଦ୍ଧାରଣ ଅନ୍ତର୍ଭୁକ୍ତ । ଉଝଜଉ ରିପୋର୍ଟ ଗ୍ରାହକ ସନ୍ତୁଷ୍ଟିକୁ ଉନ୍ନତ କରିବା ଏବଂ କ୍ରସ୍-ଡିସିପ୍ଲିନାରୀ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ବ୍ୟାପକ ରଣନୀତି ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛି । ଏହା ପ୍ରମୁଖ କ୍ଷେତ୍ରଗୁଡ଼ିକରେ ଉଓଝଉଙଗ ଗୁଡ଼ିକର ମୂଲ୍ୟାଙ୍କନ ପାଇଁ ବିଦ୍ୟୁତ୍ ନିୟମର ସେବା ମାନଦଣ୍ଡ ବ୍ୟବହାର କରି ବିଭିନ୍ନ ପ୍ରକାରର ଗ୍ରାହକ କେନ୍ଦ୍ରିକ ସେବା ଯାଂଚ କରେ, ଏବଂ ଏହା ଏହି ନିୟମଗୁଡ଼ିକର ଅନୁପାଳନ ଏବଂ କାର୍ଯ୍ୟାନ୍ୱୟନକୁ ତଦାରଖ ଏବଂ ମୂଲ୍ୟାଙ୍କନ କରେ ।

# ଓୟୁଏଟି କୃଷକ ମେଳା - ୨୦୨୬କୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୦ ମାର୍ଚ୍ଚ: ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଥିବା କୃଷି ଶିକ୍ଷା ସଦନରେ ଆଜି "ଓୟୁଏଟି କୃଷକ ମେଳା – ୨୦୨୬" ଅନୁଷ୍ଠିତ ହୋଇଛି । "ମହିଳା କୃଷି ଉଦ୍ୟୋଗୀ ଓ ବିକଶିତ କୃଷି" ଶୀର୍ଷକ ଏହି ମେଳାର ଉଦଘାଟନୀ ସମାରୋହରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି, କୃଷକ ସଶକ୍ତିକରଣ ଓ ଶକ୍ତି ମନ୍ତ୍ରୀ ଏବଂ ଓୟୁଏଟିର ପ୍ରୋ-ଚାନସ୍ଲେର ଶ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ଆଜିର ସମୟରେ ଚାଷୀ କେବଳ ଚାଷୀ ନୁହେଁ, ଜଣେ ଜଣେ କୃଷି ଉଦ୍ୟୋଗୀ । କୃଷିର ରୂପାନ୍ତର ହୋଇ ସ୍ମାର୍ଟ କୃଷି ହୋଇଛି ଏବଂ ଏକକ କୃଷକରୁ କୃଷି ଉଦ୍ୟୋଗରେ ପରିଣତ ହୋଇପାରିଛି । ଆମ ରାଜ୍ୟ ଉତ୍ପାଦନରେ ଜାତୀୟ ହାର ଠାରୁ ମଧ ଆଗୁଆ ରହିଛି । ଏଥିପାଇଁ ଅନ୍ନଦାତାଙ୍କୁ ଧନ୍ୟବାଦ ଜଣାଇଥିଲେ । ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ ଯେ, ମହିଳାଙ୍କୁ ଆତ୍ମନିର୍ଭର କରିବା ପାଇଁ ସରକାରଙ୍କ ପକ୍ଷରୁ ବହୁ ଯୋଜନା କରାଯାଇଛି । ବିଶେଷ କରି ମହିଳା ଚାଷୀ ମାନେ ମିଶ୍ରିତ ଚାଷକୁ ଆପଣେଇ ଲାଭାନ୍ୱିତ ହୁଅନ୍ତୁ ଏବଂ ବିକଶିତ ଓଡ଼ିଶା ଗଠନରେ ଅଗ୍ରଗଣ୍ୟ ହୁଅନ୍ତୁ । କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ କହିଥିଲେ ଯେ, ବିକଶିତ କୃଷି ହେଉଛି ବିକଶିତ ଭାରତର ଆଧାରଶିଳା । ଏଥିରେ ୫୦ ପ୍ରତିଶତ ଭାଗିଦାରୀ ମହିଳାଙ୍କର ରହିଛି । ଓୟୁଏଟି କୁଳପତି ଡ଼ଃ ପ୍ରଭାତ ରାଉଳ ଓୟୁଏଟିର କାର୍ଯ୍ୟପ୍ରଣାଳୀ ସଫଳତା ଉପରେ ଆଲୋକପାତ କରିଥିଲେ । ଡିନ୍ ଏକ୍ସଟେନସନ୍ ପ୍ରଫେସର ପ୍ରସନ୍ନଜିତ ମିଶ୍ର, ପ୍ରଫେସର ନିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମେଳା ଅବସରରେ କୃଷି କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ଓ କୃଷି ଉଦ୍ୟୋଗ ସ୍ଥାପନା କରିଥିବା ମହିଳା କୃଷକମାନଙ୍କୁ ସମ୍ମାନିତ କରାଯାଇଛି ଏବଂ ସୁରକ୍ଷା କିଟ୍ ପ୍ରଦାନ କରାଯାଇଛି ।

# ଅଗ୍ନି ସୁରକ୍ଷା ସଂପର୍କିତ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ଭୁବନେଶ୍ୱର ପ୍ରିୟଦର୍ଶିନୀ ମାର୍କେଟ୍ କମ୍ପ୍ଲେକ୍ସରେ ଘଟିଥିବା ଅଗ୍ନିକାଣ୍ଡ ପରେଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହକାରେ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକରେଅଗ୍ନି ସୁରକ୍ଷାପ୍ରସ୍ତୁତି ସମୀକ୍ଷାକରିଛନ୍ତି । ଏ ସଂପର୍କରେ ବିଭିନ୍ନ ପଦକ୍ଷେପ ନେଇ ସଂପୃକ୍ତ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହିତ ଜନସାଧାରଣଙ୍କୁ ଅଗ୍ନି ନିରାପତା ପ୍ରସଙ୍ଗରେ ଯଥେଷ୍ଟ ସଚେତନ ଓ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଗୃହ, ଶିକ୍ଷ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଅଗ୍ନିଶମ ସେବା ପୁଲିସ୍ ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡ଼ଙ୍ଗୀ, ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ଶକ୍ତି , ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ବିଶାଳ କୁମାର ଦେବ, ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ଚଂଚଳ ରାଣାଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅଗ୍ନି ନିରାପତା ପ୍ରତି ସରକାରଙ୍କ ତରଫରୁ ରହିଥିବା ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ । ଅଗ୍ନି ସୁରକ୍ଷା ସଂପର୍କିତ ନିୟମିତ ଯାଂଚ ସହିତ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା, ଶିକ୍ଷା ଓଯୋଗାଯୋଗ(ଆଇଇସି) ଅଭିଯାନ ଆରମ୍ଭ କରି ଏହାକୁ ବ୍ୟାପକ କରାଯିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି ।

## ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଲେନି ୯୯୩୦ ଛାତ୍ରଛାତ୍ରୀ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର: ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଅନେକ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଛନ୍ତି । ଚଳିତ ବର୍ଷ ୫ ଲକ୍ଷ ୪୬ ହଜାର ୮୭୬ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବାପାଇଁ ଫର୍ମ ଭରିଥିଲେ ହେଲେ ସେମାନଙ୍କ ମଧ୍ୟରୁ ୫ ଲକ୍ଷ ୩୬ ହଜାର ୯୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ହେଲେ କୌଣସି କାରଣରୁ ୯୯୩୦ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ରହିଥିବା ନେଇ ବିଧାୟିକା ଉପାସନା ମହାନ୍ତିଙ୍କ ପ୍ରଶ୍ନରେ ଆଜି ଗୃହରେ ବଡ଼ ବୟାନ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେହିପରି, ସ୍କୁଲରେ ତଳେ ବସି ପଢୁଛନ୍ତି ଛାତ୍ରଛାତ୍ରୀ । ୧୯୮୮୩ ସ୍କୁଲରେ ନାହିଁ ଡେସ୍କ ଓ ବେଂଚ୍ । ରାଜ୍ୟର ୧୯ ହଜାର ୮୮୩ ସ୍କୁଲରେ ନାହିଁ ଡେସ୍କ ଓ ବେଂଚ୍ । ଡେସ୍କ ଓ ବେଂଚ୍ ନଥିବାରୁ ତଳେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ । ଡେସ୍କ ଓ ବେଂଚ୍ ଯୋଗାଇବାକୁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

# ମୁଦ୍ରିତ ଗଣମାଧ୍ୟମ ସଂସ୍ଥାର ପ୍ରକାଶକ ଓ ପରିଚାଳକଙ୍କୁ ନେଇ ପିଆରଜିଆଇ ପକ୍ଷରୁ ମତବିନିମୟ କାର୍ଯ୍ୟକ୍ରମ




ଭୁବନେଶ୍ୱର : ଓଡ଼ିଶାର ବିଭିନ୍ନ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାର ମୁଦ୍ରାକର, ପ୍ରକାଶକ, ସମ୍ପାଦକ ଓ ପରିଚାଳକମାନଙ୍କୁ ନେଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ୍ (ପିଆରଜିଆଇ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମତ ବିନିମୟ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱର ପିଆଇବି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଆରଜିଆଇ ପ୍ରେସ୍ ସେବା ପୋର୍ଟାଲର ଉପଯୋଗ ଏବଂ ପ୍ରେସ୍ ଓ ପତ୍ରିକା ପଞ୍ଜିକରଣ (ପିଆରପି) ଆଇନ, ୨୦୨୩ର ବିଭିନ୍ନ ନୂତନ ନିୟମାବଳୀକୁ ନେଇ ଆଲୋଚନା ହୋଇଛି । ପିଆରଜିଆଇ, ନୂଆଦିଲ୍ଲୀର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ସନ୍ତୋଷ କୁମାର ଏବଂ ଏନଆଇସି, ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ ଗୌରବ ଶର୍ମା ଏହି ମତବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସମ୍ବାଦପତ୍ର ଓ ପତ୍ରପତ୍ରିକାର ନିୟମିତ ପ୍ରକାଶନ, ପିଆରଜିଆଇ (ପୂର୍ବରୁ ଆରଏନଆଇ)ର ବିଭିନ୍ନ ସଂଶୋଧିତ ନିୟମାବଳୀ, ପତ୍ରପତ୍ରିକାର ପଞ୍ଜୀକରଣ, ପ୍ରକାଶନ, ନ୍ୟୁଜ୍ ପ୍ରିଂଟ, ପ୍ରକାଶନ ସଂଖ୍ୟା ଯାଂଚ ସମେତ ବିଭିନ୍ନ ପ୍ରକାରର ବ୍ୟବସ୍ଥା, ପ୍ରକ୍ରିୟା ଓ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରକାଶନ ଯାଂଚ ଅଡିଟ୍କୁ ପାରଦର୍ଶୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବିଶେଷ କରି ପ୍ରେସ୍ ସେବା ପୋର୍ଟାଲର ବ୍ୟବହାରକୁ ନେଇ ରହିଥିବା ସମସ୍ୟା ଏବଂ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାର ବୈଷୟିକ ତ୍ରୁଟି ସମ୍ପର୍କରେ ସେମାନେ ପ୍ରକାଶକ ଓ ମୁଦ୍ରାକରମାନଙ୍କ ଠାରୁ ମତାମତ ନେଇଥିଲେ । ଆଜିର ଆଲୋଚନାରୁ ବାହାରିଥିବା ନିଷ୍କର୍ଷ ପିଆରପି ଆଇନ, ୨୦୨୩କୁ କାର୍ଯ୍ୟକାରୀ କରିବାରେ ସହାୟକ ହେବ ବୋଲି ଶ୍ରୀ ସନ୍ତୋଷ କୁମାର ମତ ରଖିଥିଲେ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓଡ଼ିଶାର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏଭଳି ମତବିନିମୟ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ ।

# ୨୦୨୭ ବିଶ୍ୱକପ : ଖେଳାଳିଙ୍କ ଆଇପିଏଲ ପ୍ରଦର୍ଶନ ଉପରେ ବିସିସିଆଇର ନଜର



ନୂଆଦିଲ୍ଲୀ: ମାର୍ଚ୍ଚ ୨୮ରୁ ଆଇପିଏଲ ଆରମ୍ଭ ହୋଇଯିବ । ଏଥର ଆଇପିଏଲ ପ୍ରଦର୍ଶନ ଖେଳାଳିମାନଙ୍କ ବେଶ ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି । ରିପୋର୍ଟ ଅନୁସାରେ ବିସିସିଆଇ ୨୦୨୭ ଦିନିକିଆ ବିଶ୍ୱକପକୁ ଆଖି ଆଗରେ ରଖି ୨୦ଜଣିଆ ଖେଳାଳିଙ୍କ ଶର୍ଟଲିଷ୍ଟ କରାଯାଇଛି । ଆଇପିଏଲରେ ଏହି ଖେଳାଳିଙ୍କ ପ୍ରଦର୍ଶନ ଉପରେ ବିସିସିଆଇର ନଜର ରହିବ । ଚୟନ କମିଟି ମୁଖ୍ୟ ଅଜିତ ଅଗରକର ଏ ନେଇ ପରୋକ୍ଷରେ ସୂଚନା ଦେଇଛନ୍ତି । ଫର୍ମ ଏବଂ ଫିଟନେସ ଉପରେ ବିଶେଷ ଭାବେ ନଜର ରଖାଯିବ । ଆଇପିଏଲରେ ପ୍ରାୟ ସମସ୍ତ ଖେଳାଳି ଖେଳିଥିବାରୁ ଚୟନ କମିଟିକୁ ଟିମ ଚୟନ ପାଇଁ ଏକ ଭଲ ପ୍ଲାଟଫର୍ମ ମିଳିଛି । ପଞ୍ଜାବରେ ୬ରୁ ୧୦ ଜୁନ ପର୍ଯ୍ୟନ୍ତ ହେବାକୁ ଥିବା ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚରେ ମଧ ଟିମ ଇଣ୍ଡିଆ ଫୁଲ ଷ୍ଟ୍ରେନ୍ଥ ଟିମକୁ ନେଇ ଖେଳିବ । ଚୟନ କମିଟି ଖେଳାଳିଙ୍କ ଉପରେ ନଜର ରଖିବା ପାଇଁ ଟିମ ଭାଗ କରିଛି । ଅଗରକର ମୁମ୍ବାଇରେ ରହିବେ । ସେହିପରି ଶିବସୁନ୍ଦର ଦାସ କୋଲକାତାରେ ଏବଂ ଆରପି ସିଂ ଓ ଅଜୟ ରାତ୍ରା ଏନସିଆରରେ ମ୍ୟାଚ ଦେଖିବେ । ପ୍ରଜ୍ଞାନ ଓଝା ବେଙ୍ଗାଲୁରୁ ଓ ହାଇଦ୍ରାବାଦରେ ମୁକାବିଲା ଉପରେ ନଜର ରଖିବେ । ଅଗଷ୍ଟରୁ ମାର୍ଚ୍ଚ ମଧ୍ୟରେ ଭାରତ ୯ ଟେଷ୍ଟ ମ୍ୟାଚ ଖେଳିବ । ଏହି ସମସ୍ତ ମ୍ୟାଚରେ ରେଡ ବଲ ସ୍ପେଶାଲିଷ୍ଟ ଖେଳିବେ । ଯଶପ୍ରୀତ ବୁମରାହ ଓ ମହମ୍ମଦ ସିରାଜ ଆଇପିଏଲରେ ଖେଳିବା ସହ ଫିଟ ରହିଲେ ଆଫଗାନିସ୍ତାନ ବିପକ୍ଷରେ ଖେଳିବେ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି
BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**